# ଆହ୍ୱାନ

ସଂପୂର୍ଣ୍ଣ ଉତ୍କଳୀୟତା



# ଆହ୍ୱାନ
## (The Aahwaan)

ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରକାଶକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

MBBS, PGDMCH, PGDHM

ବୀମା ନଗର, ବ୍ରହ୍ମପୁର, ଓଡିଶା



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପବିତ୍ର ଦୁର୍ଗାପୂଜା ଓ କୁମାରୋତ୍ସବ ଅବସରରେ ମା ଦୁର୍ଗାଙ୍କ
ଚରଣ କମଳରେ ଉତ୍ସର୍ଗୀକୃତ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

## ପ୍ରଚ୍ଛଦ ଚିତ୍ର

ଦୂର୍ଗା ପୂଜାର ପାର୍ବଣ ଅବସରରେ ମା ଦୂର୍ଗାଙ୍କର ଏହି ଅତୀବ ସୌନ୍ଦର୍ଯ୍ୟମୟ ରୂପ ଦର୍ଶନରେ ମନରେ ପବିତ୍ର ଭାବର ଉଦ୍ରେକ ହେବାର ଆଶା ନେଇ ଆମ ଜନ୍ମଭୂମି ଭାରତର ପ୍ରଚ୍ଛଦ ପଟରେ ମା ସିଂହବାହିନୀଙ୍କ ହାସ୍ୟମୟୀ ଏହି ଚିତ୍ରର ଅବତାରଣା କରାଯାଇଛି ।

ବିଶ୍ୱବ୍ୟାପୀ ଇଂଟରନେଟ୍‌ରୁ ଏହା ଗୁଗୁଲ ଖୋଜ ଦ୍ୱାରା ପାଇବା ପରେ ସାମାନ୍ୟ ରଙ୍ଗ ଓ ଛାୟାର ପରିବର୍ତନ କରାଯାଇଛି । ମା ଦଶଭୂଜାଙ୍କ ଖଡଗ୍‌ଖର୍ପର ଧାରିଣୀ ବେଶରେ ମହିଷାସୁରକୁ ବଧ କରିବା ବେଶ ଦଶହରା ପରେ ଜଳପୃଷ୍ଠରେ ଶଯ୍ୟାଶାୟୀ ହୋଇ ସାରିଥିବା ପରେ ମା ଅନ୍ନ ଦାତ୍ରୀ ଲକ୍ଷ୍ମୀ, ବିଦ୍ୟାଦାତ୍ରୀ ସରସ୍ୱତୀ, ବରଦାତ୍ରୀ ରୂପରେ ଏହି ଚିତ୍ରରେ ଅବତରଣ କରିଛନ୍ତି । ଆଶା କରୁଛି ମା ନିଜର ସୁଦୃଷ୍ଟି ଆମେ ଅଧମ ବାଳୁତ ସନ୍ତାନଙ୍କ ଉପରେ ସଦୈବ ରଖିବେ ।

ସଂପାଦକ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶନୀ ମହାପାତ୍ର

# ସୂଚୀପତ୍ର


**ସଂପାଦକୀୟ**

ସଂପାଦକୀୟ ୬

**ଚଳିତ ସଂସ୍କରଣର ବିଶେଷ**

ଶ୍ରୀ ଦୁର୍ଗା ୯

**ପଦ୍ୟ ବିଭାଗ**

ସଂଧ୍ୟା ୧୫

ମୋ ସପନ ୧୬

ମଣିଷ ୧୭

ସ୍ମୃତିର ମହକ ୧୮

**ଗଦ୍ୟ ବିଭାଗ**

ସ୍ୱପ୍ନର ସୌଦାଗର ୨୦

**ରମ୍ୟ ରଚନା**

ଜାଗୋ ନିଶ ଜାଗୋ ୨୬

**ଆମ ଗାଁ ହାଲଚାଲ**

ଆମ ଗାଁ ହାଲଚାଲ ୩୫

**ଅଦ୍ୱିତୀୟା**

ସଂପାଦକୀୟ ୪୨

ଆଇଙ୍କ ଢଗ ପେଡ଼ି ୪୪

ଚିନ୍ତାମୁକ୍ତ ରହିବେ କେମିତି ୪୫

ଇଣ୍ଡକ୍ସନ କୁକର ୪୬

ଆତ୍ମ ସୁରକ୍ଷା ୫୧

ଆମ ରୋଷେଇ ୫୨

**ଅନୁରୋଧ**

ବିଶେଷ ସୂଚନା ୫୬

**ବିଜ୍ଞାପନ ସୂଚନା**

ବିଜ୍ଞାପନ ମୂଲ୍ୟସୂଚୀ ୫୮




ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର



# ସଂପାଦକୀୟ

ଯା ଦେବୀ ସର୍ବ ଭୂତେଷୁ
ଶକ୍ତି ରୂପେଣ ସଂସ୍ଥିତା,
ନମସ୍ତସୈ, ନମସ୍ତସୈ,
ନମସ୍ତସୈ ନମୋନମଃ ।।

ମହାପାର୍ବଣ ପର୍ବ ଦଶହରାର ଏହି ପବିତ୍ର ଅବସରରେ ଆହ୍ୱାନର ଏହି ସଂସ୍କରଣ ଆପଣ ମାନଙ୍କୁ ଅର୍ପଣ କରୁଛି । ଆଶା କରୁଛି ବିଗତ ସଂସ୍କରଣ ପରି ଏହି ସଂସ୍କରଣକୁ ମଧ୍ୟ ଆପଣ ସ୍ୱାଗତ କରିବେ, ଏବଂ ପୂର୍ବର ସମସ୍ତ ସଂସ୍କରଣ ପରି ଏହି ସଂଖ୍ୟା ମଧ୍ୟ ଆପଣଙ୍କୁ ଆମୋଦିତ କରିବ ।

ମହିଷାସୁର ରୂପୀ ରାକ୍ଷସର ବଧକରି ମା ଦୂର୍ଗା ଆମ ସମାଜରେ ପ୍ରଚଳିତ ରାକ୍ଷସରୂପୀ ପ୍ରଥା ଆଦିର ବଧ କରିବା ପାଇଁ ଆମକୁ ପ୍ରେରିତ କରୁଛନ୍ତି । ଆମ ପ୍ରତ୍ୟେକଙ୍କ ଭିତରେ ଲୁଚି ରହିଥିବା ଅସୁରକୁ ଆମେ ଦମନ କରିପାରିଲେ ଜୀବନ ସରଳ ଓ ସୁନ୍ଦର ହୋଇପାରିବ ବୋଲି ଆହ୍ୱାନ ଦେଇ ମା ଦୂର୍ଗାଙ୍କର ଦଶଦିନର ମୃଣ୍ମୟୀ ଲୀଳା ସମାପନ କରିଦେଇ ଆଦ୍ୟ କାର୍ତ୍ତିକର ଆଗମନର ସୂଚନା ଦେଇ ଚାଲି ଯାଉଥିବା ସମୟରେ କୁମାରୋତ୍ସବର ଉପଲକ୍ଷ ମନକୁ ଆନ୍ଦୋଳିତ ଓ ଆମୋଦିତ କରୁଛି ।

ବିଗତ ଦିନରେ ଓଡିଶାର ଦକ୍ଷିଣରେ ଥିବା କିଛି ଜିଲ୍ଲାରେ ହଇଜା (କଲେରା)ର ପ୍ରାଦୁର୍ଭାବ ଯୋଗୁଁ ଅନେକ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଜନଜୀବନ ହାନୀ ହେବା ସହିତ ବିଭିନ୍ନ ଜିଲ୍ଲାରେ କୋକୁଆ ଭୟ ସଂଚାର କରିଦେଇଥିଲା । ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଏହି ସଂକ୍ରମଣକୁ ରୋକିବାକୁ ଅନେକ ଚେଷ୍ଟା କରାଯାଇଥିଲା । ବିଶେଷତଃ ସୁଦୂର ଦିଲ୍ଲୀରେ ରହୁଥିବା ବିଦେଶାଗତ ଓଡିଆ ମାନେ ଏଥିରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇ ରାଜ୍ୟର ରାୟଗଡା, ଗୁଣୁପୁର, କୋରାପୁଟ ଆଦି ଜିଲ୍ଲା ମାନଙ୍କରେ ସହାୟତା ପହଂଚାଇଥିଲେ । ଏଥି ନିମନ୍ତେ ଓଡିଶାବାସୀ ସାହାଯ୍ୟ ଯୋଗାଇବା ସହିତ ସେମାନଙ୍କ କାର୍ଯ୍ୟର ଭୁରୀ ଭୁରୀ ପ୍ରଶଂସା କରିଥିଲେ ।

'ସେଭ ରାୟଗଡା' ନାମକ ଏକ ପ୍ରଶଂସନୀୟ ପଦକ୍ଷେପ ନେଇ ସେମାନେ ୫୪୧୦୦ ଟଙ୍କାର ବିଶାଳ ସହାୟତା ରାଶି ଯୋଗାଡ କରିବା ସହିତ, ବିଭିନ୍ନ ଗ୍ରାମାଂଚଳରେ ଯାଇ ଲୋକମାନଙ୍କୁ ରିଲିଫ୍ ଯୋଗାଇ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜଲକ୍ଷ୍ମୀ ଦାଶ, ଅଶୋକ ନାୟକ, ଶୁଭାଶିଷ ପାଣିଗ୍ରାହୀ, ଅମରେଶ ଚନ୍ଦ୍ର ଦାଶ, ନବନୀତା ଦାଶ ପ୍ରମୁଖ ସମେତ ଇ-ଓଡିଶାର ପଦକ୍ଷେପ ପ୍ରଶଂସନୀୟ ହୋଇ ରହିବ ।

ସଦ୍ୟ ଉଦଯାପିତ ରାଜ୍ୟ ଗୋଷ୍ଠୀ କ୍ରୀଡା ସମାରୋହରେ ଭାରତ ଉଲ୍ଲେଖନୀୟ ସଫଳତା ପାଇଥିବା ଆମ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ଗର୍ବ ଓ ଗୌରବର ବିଷୟ । ଏହି କ୍ରୀଡା ସମାରୋହରେ ବିଭିନ୍ନ ଅସୁବିଧା ସତ୍ୱେ ସୂଚାରୁ ରୂପେ ସମାପନ ହୋଇଯିବା ନିଶ୍ଚୟ ଭାବେ ଆଶ୍ୱସ୍ତିର ବିଷୟ ।

ଚଳିତ ରାଜ୍ୟ ଗୋଷ୍ଠୀ କ୍ରୀଡା ସମାରୋହରେ ଓଡିଶାର ବ୍ରହ୍ମପୁରର ଯୁବ ଭାରୋତଳନକାରୀ ରବି କୁମାର ସ୍ୱର୍ଣ୍ଣ ପଦକ ବିଜୟୀ ହେବା ସହିତ ନୂତନ କ୍ରୀଡା ରେକର୍ଡ ସୃଷ୍ଟି କରି ଇତିହାସ ରଚିଛନ୍ତି । ତାଙ୍କର ଏହି ଗୌରବମୟ କାର୍ଯ୍ୟ ନିମନ୍ତେ ଆହ୍ୱାନ ପରିବାର ତରଫରୁ ଅଶେଷ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶେଷରେ ସମସ୍ତଙ୍କୁ ଅଭିବାଦନ ଜଣାଇ ଉପସ୍ଥାପନ କରୁଛି, ଆହ୍ୱାନର ଏହି ସଂକଳନ, ଏବଂ ଆଶା କରୁଛି ଏହା ଆପଣଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଦେବ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସଂପାଦକ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଚଳିତ ସଂସ୍କରଣର ବିଶେଷ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଶ୍ରୀ ଦୁର୍ଗା

ଶ୍ରୀ ନିର୍ମଳ ମିଶ୍ର



ଆପଦ ବିପଦ, ଦୁଃଖ ଦୁର୍ଦ୍ଦିନ, ଶଙ୍କା ଆଶଙ୍କାରେ ସବ ପ୍ରଥମେ ମାଆଙ୍କୁ ହିଁ ସ୍ମରଣ କରାଯାଏ। ମାଆ ଥିଲେ ସାହା ଥାଏ। ସାରା ଜଗତକୁ ଯେଉଁ ମାଆ ସାହାଭରସା ହୁଅନ୍ତି, ସେ ହେଉଛନ୍ତି ଜଗତ୍‌ମାତା ଶ୍ରୀ ଦୁର୍ଗା। ସେଇ ଆଦିମାତା, ବିଶ୍ୱମାତା ଶ୍ରୀ ଦୁର୍ଗାଙ୍କର ନାମକରଣର ସାର୍ଥକତା ପ୍ରତିପାଦନ କରିବା ଏଇ ରଚନାର ଲକ୍ଷ୍ୟ ଅଟେ।

ଶ୍ରୀ-ଠାରୁ ଆଲୋଚନା ଆରମ୍ଭ ହେଉ। ଶ୍ରୀର ଅର୍ଥ ହେଉଛି ଲକ୍ଷ୍ମୀ। ମାଆଦୁର୍ଗା ମହାଲକ୍ଷ୍ମୀ ଭାବରେ ପ୍ରଖ୍ୟାତା। ଦେବୀ ଦୁର୍ଗା ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀ ଭାବେ ଚଣ୍ଡୀରେ ବର୍ଣ୍ଣିତ। ମହାଲକ୍ଷ୍ମୀ ସ୍ୱରୂପିଣୀ ଦୁର୍ଗା ଶାକମ୍ଭରୀ ବା ଶସ୍ୟର ଦେବୀ ଭାବରେ ଅନାବୃଷ୍ଟି ସମୟରେ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର



ବିଶ୍ୱପାଳନ କରିବାପାଇଁ ଚଣ୍ଡୀ-ରେ କହିଛନ୍ତି-

*ତତୋଽହ ମଖିଳଂ ଲୋକମାତ୍ମ ଦେହ ସମୁଦ୍ଭବୈ*
*ଭବିଷ୍ୟାମି ସୁରାଶାକୈ ରା ବୃଷ୍ଟେଃ ପ୍ରାଣଧାରକୈଃ*
*ଶାକମ୍ବରୀ ଋୀତି ବିଖ୍ୟାତଂ ତଦାଯାସ୍ୟାମ୍ୟହଂ ଭୁବି।*

ଲକ୍ଷ୍ମୀ ଓ ଦୁର୍ଗାଙ୍କ ମଧ୍ୟରେ ଅଭିନ୍ନ ଭାବ ନିହିତ ଥିବାରୁ ଉଭୟଙ୍କୁ ନାରାୟଣୀ ଭାବେ ସ୍ତୁତି କରାଯାଏ। ଯଥା;

*ଲକ୍ଷ୍ମୀ ଲଜ୍ଜେ ମହାବିଦ୍ୟେ ଶ୍ରଦ୍ଧେ ପୁଷ୍ଟି ସ୍ୱଧେ ଧ୍ରୁବେ।*
*ମହାରାତ୍ରୀ ମହାମାୟେ ନାରାୟଣୀ ନମଽସ୍ତୁତେ।*

ମୁଣ୍ଡମାଳ ତନ୍ତ୍ରରେ ଦୁର୍ଗାଙ୍କୁ ଲକ୍ଷ୍ମୀ ଭାବରେ ସ୍ତୁତି କରି କୁହାଯାଇଛି;

*ନିତ୍ୟାଲକ୍ଷ୍ମୀ ନିଷ୍କଳଙ୍କା ନିରୀହାନିତ୍ୟେ ନୂତନା*
*ରକ୍ତାରକ୍ତ ମୁଖବାଣୀ ବସୁଯୁକ୍ତା ବସୁପ୍ରଦା।*

ଦେବଗଣ ଦୁର୍ଗାଙ୍କୁ ପ୍ରାର୍ଥନା କରି କହିଛନ୍ତି;

*ଯା ଦେବୀ ସର୍ବଭୂତେଷୁ ଲକ୍ଷ୍ମୀ ରୂପେଣ ସଂସ୍ଥିତା*
*ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ*

ଶ୍ରୀ-ର ଦ୍ୱିତୀୟ ଆଭିଧାନିକ ଅର୍ଥଟି ହେଉଛି ସରସ୍ୱତୀ। ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟରେ ଦୁର୍ଗାଙ୍କର ସରସ୍ୱତୀ ସ୍ୱରୂପ ବିଷୟ ଆଲୋଚିତ ହେଉ। ମା ଦୁର୍ଗାଙ୍କର ଧନଧାନ୍ୟ ପ୍ରଦାୟିନୀ ଶକ୍ତି ଯେପରି ଲକ୍ଷ୍ମୀ, ଜ୍ଞାନ ପ୍ରଦାୟିନୀ ଶକ୍ତିଟି ସେପରି ସରସ୍ୱତୀ ଭାବରେ ବିଖ୍ୟାତ। ଭଗବତୋମହାଶକ୍ତି ସ୍ତୋତ୍ରମ୍‌ରେ ଦୁର୍ଗା ସରସ୍ୱତୀ ଭାବେ ବ୍ୟକ୍ତ ହୋଇଛନ୍ତି। ଏଥିରେ ଅଛି;

*ଜ୍ଞାନଶକ୍ତି ର୍ଭଗବତୀ ତ୍ୱମଜ୍ଞାନ ବିନାଶିନୀ*
*ଅତୋଽସି କୀର୍ତ୍ତିତା ବେଦେ ମହିଷାସୁର ମର୍ଦ୍ଦିନୀ।*


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶନୀ ମହାପାତ୍ର

ବ୍ରହ୍ମାଣ୍ଡ ବିଜୟ ଦୁର୍ଗା କବଚ-ରେ ଦୁର୍ଗା ସରସ୍ୱତୀ ରୂପରେ ପୂଜିତା ହୋଇଥାଆନ୍ତି। ଏହି କବଚରେ ଲେଖା ଅଛି;

*ବନଦୁର୍ଗା ଚ ମାତଙ୍ଗୀ ମତଙ୍ଗ ମୁନି ପୂଜିତା*
*ବ୍ରାହ୍ମୀ ମାହେଶ୍ୱରୀ ଚୈନ୍ଦ୍ରି କୌମାରୀ ବୈଷ୍ଣବୀ ତଥା।*

ଦେବୀ ଦୁର୍ଗାଙ୍କୁ ବିଦ୍ୟାରୂପିଣୀ ସରସ୍ୱତୀ ରୂପେ ପ୍ରାର୍ଥନା କରି କୁହାଯାଇଛି;

*ଯା ଦେବୀ ସର୍ବଭୂତେଷୁ ବିଦ୍ୟା ରୂପେଣ ସଂସ୍ଥିତା*
*ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ*

ଯୋଗିନୀ ତନ୍ତ୍ର-ରେ ଥିବା ଦୁର୍ଗା ସହସ୍ରନାମରେ ଦୁର୍ଗାଙ୍କୁ ବୀଣାପାଣି ସରସ୍ୱତୀ ରୂପରେ ଅବତାରଣା କରାଯାଇଛି। ଏଥିରେ ଅଛି;

*ବୀଣାବାଦ୍ୟମୟୀ ଦେବୀ ବୀଣାବାଦନ ତତ୍ପରାପା*

ଏବେ ଶ୍ରୀ-ର ଅନ୍ୟ ଅର୍ଥ ଐଶ୍ୱର୍ଯ୍ୟ ଅନୁଯାୟୀ ମା ଦୁର୍ଗାଙ୍କର ଐଶ୍ୱର୍ଯ୍ୟମୟୀ ସ୍ୱରୂପ ସଂପର୍କରେ କିଛି ପ୍ରକାଶ କରାଯାଉ। ମା ଦୁର୍ଗା ଐଶ୍ୱର୍ଯ୍ୟଶାଳିନୀ ଏବଂ ଐଶ୍ୱର୍ଯ୍ୟ ପ୍ରଦାୟିନୀ ଶକ୍ତିଭାବେ ଶାସ୍ତ୍ର ପୁରାଣ, ସ୍ତୁତି ଓ ସ୍ତବ ମାନଙ୍କରେ ଉପସ୍ଥାପିତା ହୋଇଅଛନ୍ତି। ମାର୍କଣ୍ଡ ପୁରାଣ-ରେ ହରିହର ବ୍ରହ୍ମା ବିରଚିତ ଦେବୀ କବଚରେ ବର୍ଣ୍ଣନା ଅଛି;

*ଯଂ ଯଂ ଚିନ୍ତୟତେ କାମଂ ତତଂ ପ୍ରାପ୍ନୋତି ନିଶ୍ଚଳା*
*ପରମୈଶ୍ୱର୍ଯ୍ୟ ମତୁଳଂ ପ୍ରାପସ୍ୟତେ ଭୂତଳେ ପୁମାତା।*

ମା ଦୁର୍ଗାଙ୍କୁ ଐଶ୍ୱର୍ଯ୍ୟର ଅଧିକାରିଣୀ ଦେବୀ ଭାବରେ ଆବାହନ କରାଯାଇ କୁହାଯାଇଛି;

*ଆୟୁରାରୋଗ୍ୟମୈଶ୍ୱର୍ଯ୍ୟ ଦେହିଦେବୀ ନମୋଽସ୍ତୁତେ*
*ଦେବୀ ଚଣ୍ଡାତ୍ମିକେ ଚଣ୍ଡି ଚଣ୍ଡ ବିଗ୍ରହ କାରିଣୀ।*

ଶ୍ରୀ-ର ଅନ୍ୟ ଏକ ଅର୍ଥ ହେଉଛି ଶୋଭା ବା ସୌନ୍ଦର୍ଯ୍ୟ। ମା-ଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ସନ୍ତାନ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପାଇଁ ଅପରାଧ ଅଟେ। ତେବେ ପ୍ରସଙ୍ଗ ଦୃଷ୍ଟିରୁ କ୍ଷମାମୟୀ ମା- ଦୁର୍ଗାଙ୍କୁ କ୍ଷମାଭିକ୍ଷାକରି ତାଙ୍କର ଶୋଭା ସଂପର୍କରେ କିଛି ବ୍ୟକ୍ତ କରୁଛି। ଦୁର୍ଗା ସହସ୍ରନାମରେ ଦୁର୍ଗାଙ୍କର ସୁବର୍ଣ୍ଣବର୍ଣ୍ଣ ଚାରୁହାସ୍ୟମୟୀ ଶୋଭା ଧ୍ୟାନ କରାଯାଇ କୁହାଯାଇଛି;

*ଓଂ ଧ୍ୟାୟେତ୍ତେ ସୁବର୍ଣ୍ଣବର୍ଣ୍ଣଭ୍ୟାଂ ତ୍ରିନେତ୍ର ଚାରୁହାସିନୀଂ*
*ସର୍ବଲକ୍ଷଣ ସଂପର୍ଣ୍ଣ ମର୍ଦ୍ଧେନ୍ଦୁ କୃତ ଶେଖରାଂ*
*ଚତୁର୍ଭୂଜା ଶଙ୍ଖଚକ୍ରଧରାଂ ବାଳାଂ ସ୍ୱରୁପିଣୀଂ*
*ଉଦ୍ୟତ୍ରିଶୂଳ ନିର୍ଭିନାଂ ମହିଷାଂ ସିଂହବାହିନୀ୧*

ଦଶଭୂଜାଧ୍ୟାନରେ ମା ଦୁର୍ଗାଙ୍କର ଶୋଭା ଭକ୍ତିର ସହ ଧ୍ୟାନ କରାଯାଇଛି। ଏଥିରେ ଉଲ୍ଲେଖ ଅଛି;

*ଓଂ ଜଟାଜୁଟ ସମାଯୁକ୍ତା ମର୍ଦ୍ଧେନ୍ଦୁ କୃତଶେଖରାଂ*
*ଲୋଚନତ୍ରୟ ସଂଯୁକ୍ତା ପୂର୍ଣ୍ଣେନ୍ଦୁ ସଦୃଶାନନଂ*
*ତପ୍ତକାଞ୍ଚନ ବର୍ଣ୍ଣାଭାଂ ସୁ ପ୍ରତିଷ୍ଠାଂ ସୁଲଚନା*
*ନବଯୌବନ ସଂପର୍ଣ୍ଣାଂ ସର୍ବାଭରଣ ଭୂଷିତା।*

ମା ଦୁର୍ଗାଙ୍କର ଶାୟକମନୀୟ ଶୋଭା ସାଧୁସନ୍ଥମାନଙ୍କର ମନରେ ଯେପରି ଭକ୍ତି ସଂଚାର କରେ, ଦୁଷ୍ଟ ପାପିଷ୍ଟ ମାନଙ୍କୁ ମା ଙ୍କର ଭୟଙ୍କର ରପ ଠିକ୍ ସେହିପରି ଭୟଭୀତ କରାଏ। ମା ଦୁର୍ଗା କାଳୀ ଭାବରେ ଭୟଙ୍କର ରୂପ ଧାରଣ କଲାବେଳେ ସବୁ ଶୋଭା ଅଶୋଭାରେ ପରିଣତ ହୋଇଯାଏ। ମାଙ୍କର ଏହି ରୂପ ବିଷୟରେ କୁହାଯାଇଛି;

*ଶବରୂଢା ମହାଭୀମା ଘୋରଦଂଷ୍ଟ୍ରା ବରପ୍ରଦାଂ*
*ହାସ୍ୟଯୁକ୍ତା ତ୍ରିନେତ୍ରାଞ୍ଚ କପାଳ- କର୍ତ୍ତୃକା ଧାର୨*

ଶ୍ରୀ ପରେ ଏଥର ଦୁର୍ଗା ନାମକରଣର ସାର୍ଥକତା ଆଲୋଚିତ ହେଉ। ଯେଉଁ ଶକ୍ତିକୁ ସ୍ମରଣ କଲେ- ଦୈତ୍ୟ, ବିଘ୍ନ, ରୋଗ, ପାପ, ଭୟ ଓ ଶତ୍ରୁ ନାଶ ହୁଅନ୍ତି, ସେହି ଶକ୍ତି ହେଉଛନ୍ତି ଦୁର୍ଗା। ଏହି ମର୍ମରେ ଦୁର୍ଗାଙ୍କର ସଂଜ୍ଞାନିରୂପଣ କରାଯାଇ, ବ୍ରହ୍ମାକୃତ ଜୟଦୁର୍ଗା ସ୍ତୋତ୍ରମ୍‌ରେ କୁହାଯାଇଛି;

*ଦୈତ୍ୟନାଶାର୍ଥ ବଚନୋ ଦ କାରଃ ପରିକୀର୍ତ୍ତିତଃ*
*ଉ କାର ବିଘ୍ନନାଶାର୍ଥ ବାଚକୋ ବେଦ ସମ୍ମତଃ*


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

*ରେଫୋ ରୋଗଘ୍ନ ବଚନଂ ଗ ଶ୍ଚ ପାପଘ୍ନ ବାଚକଃ*
*ଭୟ ଶତ୍ରୁଘ୍ନ ବଚନଂ ଗଶ୍ଚ ପାପଘ୍ନ ବାଚକଃ*
*ଭୟଶତ୍ରୁଘ୍ନ ବଚନଶ୍ଚାକାରୋ ପରିକୀର୍ତ୍ତିତଃ*
*ସ୍ମୃତ୍ୟୁକ୍ତି ସ୍ମରଣାଦ୍ ଯସ୍ୟା ଏତେ ନଶ୍ୟନ୍ତି ନିଶ୍ଚିତଂ*
*ଅତୋ ଦୁର୍ଗା ହରେ ଶକ୍ତି ଏହରିଣା ପରିକୀର୍ତ୍ତିତା।*

ଚଣ୍ଡୀ ପୁରାଣରେ ବ୍ୟକ୍ତ ହୋଇଥିବା ସାରଳା ଦାସଙ୍କ ମତ ଅନୁଯାୟୀ ଯେଉଁ ଶକ୍ତି ଦୁର୍ଗତି ହରଣ କରନ୍ତି- ସେହି ଶକ୍ତି ହେଉଛନ୍ତି ଦୁର୍ଗା। ଯୋଗିନୀ ତନ୍ତ୍ରରେ ଥିବା ଶ୍ରୀ ଦୁର୍ଗା ସହସ୍ରନାମରେ ପ୍ରଦତ୍ତ ମତ ଅନୁଯାୟୀ- ଦୁର୍ଗମ କାଳରେ ଯେଉଁ ଦେବୀ ଭକ୍ତମାନଙ୍କୁ ରକ୍ଷା କରନ୍ତି, ସେହି ଦେବୀ ଦୁର୍ଗା ନାମରେ ପୂଜିତା ହୁଅନ୍ତି। ଦେବୀ ଦୁର୍ଗା ବିପଦ ସାଗରରୁ ଉଦ୍ଧାରକାରୀ ଉପାଦାନ ନୌକା ଭାବରେ ବିଶ୍ୱସାର ତନ୍ତ୍ରରେ ବର୍ଣ୍ଣିତା ହୋଇଛନ୍ତି। ଦେହ ରୂପକ ଦୁର୍ଗକୁ ରୋଗ କବଳରୁ ରକ୍ଷାକରି ଦେବୀ ଦୁର୍ଗାଭାବରେ ଆରାଧିତା ହେବା ମତ କେତେକ ଶାସ୍ତ୍ରରେ ପୁରାଣରେ ମଧ୍ୟ ଦେଖାଯାଏ। ଶପ୍ତସତୀଚଣ୍ଡୀରେ ଦୁର୍ଗାଙ୍କୁ ରୋଗହାରିଣୀ ଶକ୍ତିଭାବରେ ପ୍ରାର୍ଥନା କରାଯାଇଛି।

ଅନ୍ୟ କେତେକ ପଣ୍ଡିତ ମାନଙ୍କ ମତରେ ଦୁର୍ଗମ ନାମକ ରାକ୍ଷସକୁ ବଧକରି ଦେବୀ ଦୁର୍ଗା ନାମ ଧାରଣ କରିଥିଲେ। ବ୍ରହ୍ମ ବୈବର୍ତ୍ତ ପୁରାଣ ମତ ଅନୁଯାୟୀ ଭବବନ୍ଧ, ବିଘ୍ନ, କୁକର୍ମ, ଶୋକ, ଦୁଃଖ, ନରକ, ମୃତ୍ୟୁଦଣ୍ଡ, ଜନ୍ମ, ମହାଭୟ, ଅତିରୋଗ ପ୍ରଭୃତି ଦୁର୍ଗ ନାମରେ ଅଭିହିତ ହୁଏ। ଯେଉଁ ଶକ୍ତି ଏହି ଦୁର୍ଗ ଗୁଡିକୁ ନାଶ କରନ୍ତି, ସେହି ଶକ୍ତି ଦୁର୍ଗା ଭାବରେ ପୂଜିତା ହୁଅନ୍ତି। ଦେବତା ମାନଙ୍କର ଦୁର୍ଗତି କାଳରେ ସୃଷ୍ଟି ହୋଇଥିବାରୁ ଏବଂ ସେମାନଙ୍କୁ ମହିଷସୁରର ଅତ୍ୟାଚାର ରୂପକ ଦୁର୍ଗତିରୁ ରକ୍ଷା କରି ଦେବୀ ଦୁର୍ଗା ନାମରେ ନାମିତ ହୋଇଥିବା ମତବାଦଟି ଦୁର୍ଗା ନାମକରଣ ସଂପର୍କରେ ସବୁଠାରୁ ପ୍ରିୟ ତଥା ପ୍ରଚଳିତ ମତବାଦ ଅଟେ।

ଏହିପରି ପ୍ରଚଳିତ, ଲିଖିତ, ବର୍ଣ୍ଣିତ ଓ କଥିତ ବିଭିନ୍ନ ମତବାଦରୁ ଶ୍ରୀ ଦୁର୍ଗା ନାମକରଣର ସାର୍ଥକତା ପ୍ରତିପାଦିତ ହୋଇଥାଏ। ଶେଷରେ ଜଗତରୁ ଦୁଃଖ, ଦୁର୍ଦ୍ଦଶା, ଦୁର୍ଦ୍ଦିନ, ଦୁର୍ଘଟଣା, ଦୁର୍ଗତି ଓ ଦୁର୍ଭାବନା ଇତ୍ୟାଦି ଦୂର କରିବା ପାଇଁ ମାଦୁର୍ଗାଙ୍କୁ ଦର୍ପ ଅନୁପ୍ରାସରେ ପ୍ରାର୍ଥନା କରୁଛି;

*ଦୀର୍ଘାକ୍ଷୀ ଦୀର୍ଘଦନ୍ତା ଜନୁଜ ଜଳଜଳା ଦେବତା ଦକ୍ଷିଣାଂସୌ*
*ଦିବ୍ୟାସ୍ତ୍ରୈ ଦିବ୍ୟକାନ୍ତି ର୍ଦରଦ ଦମନା ଦୀପ୍ତିଦେହା ଦୁ କୁଳୈଃ*
*ଦୃପ୍ତାନା ଦର୍ପଦାନ୍ତୌ ଦଶଦିଶିଦଧତୀ ଦୃପ୍ତ ଦୁର୍ଦ୍ଦମୀ ଦୋଷୋ*
*ଦେବୀ ଦୁର୍ଗା ଦୁରନ୍ତଂ ଜଳୟତୁ ଦୁରିତଂ ଦୁର୍ଗତି ଦ୍ରାବଦକ୍ଷା।*

ପୋଖରିଆ ସାହି, ପୁରୀ

**ଅକ୍ଟୋବର ୨୦୦୭ର ଆହ୍ୱାନରେ ପ୍ରକାଶିତ ସଂକଳନରୁ ଉଦ୍ଧୃତ**


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ପଦ୍ୟ ବିଭାଗ



# ସଂଧ୍ୟା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପଶ୍ଚିମ ଆକାଶ ସିନ୍ଦୁରା ଦିଶୁଛି,
ଆଉ କିଛି ଘଡି ଆଲୋକର ଖେଳ
ଶୋଇଯିବେ ସବୁ
ସାରିଦେଇ ସାଙ୍ଗସାଥୀ ଖେଳ...

ଜୀବନର ନାଟକର ଶେଷ ଏଇ ଦୃଶ୍ୟ
ରଙ୍ଗହୀନ ଜୀବନର ନାହିଁ ପ୍ରୟୋଜନ
ଫେରିଯିବା ଆସ
ଆଉ ନାହିଁ ଅପେକ୍ଷା,
ଫେରିବା ବାଟରେ ସବୁ
ଯିବା ଏକା ଏକା
କିଏ ଜାଣେ ପୁଣିଥରେ
ମିଶିବାକି ପୁଣିକେବେ
ବାଟହରା ପଥେପ୍ରାନ୍ତେ ଥକିଯାଇ
ବାଟୋଇ ଟିଏ ହୋଇ...




ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ମୋ ସପନ...

ଡା ମେଜର ଗୌରୀ ପ୍ରସାଦ ମହାପାତ୍ର



ମୋ ମନର କେଉଁ ଏକ
ଗାଧୁଆ ତୁଠରେ
ଆସିଥିଲ କେବେ ତୁମେ
ମାର୍ଜିତ ହେବାପାଇଁ
ସ୍ୱପ୍ନର ଜଳେ...

ତୁମେ ଥିଲ ସମୁଦ୍ରର
ଉତାଳ ତରଙ୍ଗ
କୂଳେ କୂଳେ ମୋ ମନର
ସ୍ପର୍ଶ କରି ଅଙ୍ଗ...

ଜୀବନର ସ୍ୱପ୍ନଥିଲା
ସ୍ୱପ୍ନିଳ ଜୀବନ,
ଜୀବନର ଶେଷ ପଥେ
ଖୋଜେ ମୋ ସପନ...


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ମଣିଷ

ବସନ୍ତ ମହାନ୍ତି

ଆତ୍ମିୟତାର ହସଟିଏ ବିଭସ୍ତ ଦିଶୁଛି
ବନ୍ଧୁତ୍ୱ ଆଜିକାଲି କାହିଁକି
ବେସ୍ୱାଦ ଲାଗୁଛି !!!

ନିଜର ନିଜର ଯାହା ଥିଲା ବୋଲି
ଭାବୁଥିଲି କାଲି,
ଆଜି କାହିଁ ସବୁ କିଛି
ଦୂରରେ ହଜିଛି !!!

ମଣିଷ ଟିଏ ହୋଇ
ଜନମିଥିଲି ଅବଶ୍ୟ
ମନୁଷ୍ୟତ୍ୱ ନାହିଁ ବୋଲି ସଭିଏଁ କହନ୍ତି !!!

ସବୁ ବଦଳୁଛି ହେଲେ ବଦଳିବା
କାହିଁ ନାହିଁ ସୌଭାଗ୍ୟରେ ମୋର...
କଣ ନାହିଁ ଏ ଧରିତ୍ରୀ ମୋର ବି ଘର ???


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ସ୍ମୃତିର ମହକ

ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଆଡିଶା କାକରା ଛଣାର ମହମହ ବାସ
ବରା ଗୁଲୁଗୁଲାର ହାତଠାରି
ଲାଳବୁହା ଡାକ,
ଟଣ୍ ଟାଣ୍ ଖୁଚୁରା ଶବଦ
ସର୍ ସର୍ ସାରର ସୂର
ସବୁକିଛି ମନେପଡେ ଆଜିପରା ଦିନେ
କିଛି ଛାନ୍ଦ ମନେ ପଡେ
ଜହ୍ନି ଓଷା ଗୀତ,
ଟୁପ୍ ଟାପ୍ ଥଟା କଥା ଆଉ ସାଙ୍ଗ ସାଥୀ ମେଳ,
ଅତୀତରେ କାଟିଥିଲି କେତେ
କୁମାର ଉତ୍ସବ...
ସାଙ୍ଗ ସାଥୀ ଭାଇ ବନ୍ଧୁ
କାହିଁ କେତେ ଦୂରେ
ସାଉଁଟି ଦେଉଛି କିଛି ସୁଖର ମୁହୂର୍ତ୍ତ ମୋର
ଦାୟାଦଙ୍କୁ ବାଂଟିବି ମୁଁ
ସଂରକ୍ଷିଛି ସ୍ମୃତିର ମହକ...


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଗଦ୍ୟ ବିଭାଗ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ସ୍ୱପ୍ନର ସୌଦାଗର

ଡା ମେଜର ଗୌରୀ ପ୍ରସାଦ ମହାପାତ୍ର

ଚଷମା କାଚ ତଳୁ ସମାଚାର ପୃଷ୍ଠାଗୁଡିକ ଉପରେ ଆଖି ଡୋଳାକୁ ନଚାଇ ନଚାଇ ଖବର ପଢି ଚାଲିଥିଲେ ଅଧ୍ୟାପକ ସ୍ୱପ୍ନରଂଜନ । ଖବର କାଗଜଟା ରୁଚିହୀନ ମନେ ହେଉଥିଲା ତାଙ୍କର । କେବଳ ସେଇ ଖବର । କୋଟି କୋଟି ଟଙ୍କାର ସ୍କାଣ୍ଡାଲ୍ , ଧର୍ଷଣ, ନାରୀହତ୍ୟା, ଦଳବଦଳ, ନିର୍ବାଚନ ଓ ଶସ୍ତା ରାଜନୀତି , ଛାତ୍ର ଅଶାନ୍ତି, ଅଧ୍ୟାପକଙ୍କୁ ମାଡ, କଲେଜ ବନ୍ଦ, ରାସ୍ତା ବନ୍ଦ, ବଜାର ବନ୍ଦ, ଧର୍ମଘଟ, ସନ୍ତ୍ରାସବାଦ । ଏଭଳି ଅନେକ ନିତିଦିନିଆ ଖବର ।

ସ୍ୱପ୍ନ ରଂଜନ ସ୍ୱାଧୀନତାର ଠିକ୍ ପରେ ଜନ୍ମ ନେଇଥିଲେ । ପିତା ମାତାଙ୍କ ଭାଷାରେ ସେ ଥିଲେ ରାମ ରାଜ୍ୟର ସନ୍ତାନ । ସ୍ୱାଧୀନତା ପାଇଁ ଦେଇଥିବା ଆତ୍ମବଳି, ରକ୍ତପାତ, ହିଂସା ଓ ଅହିଂସାର ଯୁଦ୍ଧ ସେ ଦେଖିନାହାନ୍ତି । ସେ ଜନ୍ମ ନେଇ ପାରିନାହାନ୍ତି ସ୍ୱାଧୀନତାର ପୂର୍ବବର୍ତ୍ତି ସମୟରେ... ଯାହାଥିଲା ତ୍ୟାଗର ଯୁଗ । ସେ ଜନ୍ମିଛନ୍ତି ଭୋଗର ଯୁଗରେ । ଆଖିରେ ଆଖିଏ ସ୍ୱପ୍ନକୁ ନେଇ ଜନ୍ମିଛନ୍ତି । ଆଖିର ଆକାଶରେ ଉଇଁଛି ତାଙ୍କର ପ୍ରଗତିର ସୂର୍ଯ୍ୟ... ସ୍ୱପ୍ନର ପ୍ରାଚୁର୍ଯ୍ୟ ନେଇ ।

ଯେଉଁ ଆଖିରେ ସ୍ୱପ୍ନନାହିଁ ସେ ଆଖି ଆଖି ନାହିଁ । ଯେଉଁ ମନରେ ଆବେଗ ନାହିଁ ସେ ମନଟା ବା କଣ ? ଯେଉଁ ହୃଦୟରେ ମାନବିକତାର ସ୍ପନ୍ଦନ ଉଠେ ନାହିଁ, ସେ ଯେ କି ମଣିଷର ହୃଦୟ !! ସ୍ୱପ୍ନରଂଜନ ବାସ୍ତବରେ ଜଣେ ସ୍ୱପ୍ନର ସୌଦାଗର । ସେ ମୁଠା ମୁଠା ସ୍ୱପ୍ନକୁ ଆଖିରେ ସାଇତି, ନିଜକୁ ଖୋଜୁଥିଲେ ଏଇ ରଂଗୀନ ଦୁନିଆରେ ମଣିଷପରି, ମଣିଷ ମାନଙ୍କ ମଧ୍ୟରେ ମଣିଷମାନଙ୍କ ପାଇଁ ବଂଚିବାକୁ । ଘଟଣା ବହୁଳ ଜୀବନ ଥିଲା ତାଙ୍କ ପାଇଁ ଏକ ବହିଯାଉଥିବା ନଈ । ସେଇ ନଈରେ ଭାସିଯିବାପାଇଁ ନିଜ ମନକୁ ଡଙ୍ଗାକରି, କାତ ମାରି ମାରି ଚାଲିଥିଲେ ସେ ଗଭୀର ଅଗଭୀର ସମସ୍ୟା ଜଳରେ । ହତୋତ୍ସାହ ନ ହୋଇ ସେ ଗଢିଛନ୍ତି ନିଜ ଜୀବନକୁ ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ମଣିଷ ସ୍ୱାର୍ଥପର ହୋଇପାରେ । କିନ୍ତୁ ସ୍ୱାର୍ଥ ହିଁ ମଣିଷର ସବୁକିଛି ନୁହେଁ । ସ୍ୱାର୍ଥର ଛାତି ଚିରିଦେଇ ଆମେ ତନ୍ନ ତନ୍ନ କରି ଖୋଜିଲେ, ତା ଭିତରୁ ପାଇବା ନିଜ ଲୋକଙ୍କ ପାଇଁ ସାଇତା ରଖିଥିବା ସ୍ନେହ, ମମତା ଓ ତ୍ୟାଗରେ ଭରପୁର ଅନ୍ତରର ଅସଂଖ୍ୟ ଢେଉ । ଆମେ ସେହି ଢେଉକୁ ପରିବ୍ୟାପ୍ତ କରିପାରିଲେ ପାଇବା ସମାଜ, ଜାତି ଓ ଦେଶପାଇଁ ମାନବିକ ସ୍ନେହ ।

କିନ୍ତୁ ଆଜିର ମଣିଷ ଲୁଚିଯାଉଛି ସ୍ୱାର୍ଥର ମେଘନାଦ ପ୍ରାଚୀର ଭିତରେ । ସେ କେମିତି ଉଠିବ । ଆଉ ଚାଲିବ ଆଗକୁ, ମାନବବାଦର ପଥରେ ? ପ୍ରତାରଣା, ପ୍ରବଂଚନା ଓ ପ୍ରଲୋଭନର ଜାଲ ଭିତରୁ ସ୍ୱାର୍ଥକୁ ମୁକ୍ତିଦେଇ ଏ ସମାଜରେ ରାମରାଜ୍ୟ ପ୍ରତିଷ୍ଠା କରାଯାଇ ପାରିବ ତ ? ତ୍ୟାଗ, ମାନବିକତା, ସତ୍ୟ ଓ ସମାନତା ଆଜି ଯେମିତି କେବଳ ବେଦବାକ୍ୟ । ପୁରାଣ କଥା ଯାହାକୁ କେବଳ ଟିଭି ପରଦାରେ ଦେଖାଯାଇପାରେ । ବିନା ଆଦର୍ଶରେ ଆଜିର ସମାଜ ପଙ୍ଗୁ । ଆଦର୍ଶ ଆଜିର ମଣିଷ ଜାତିଟା ପାଖରେ ହୋଇଯାଇଛି ମୂଲ୍ୟହୀନ । ମୂଲ୍ୟହୀନ ଆଦର୍ଶରେ ଅନେକରୁ ଅନେକ ମୂଲ୍ୟବାନ ଜୀବନ ପତଙ୍ଗ ପରି ଝାସ ଦେଇ ସାମାଜିକ ମୂଲ୍ୟବୋଧକୁ ଜଳାଂଜଳୀ ଦେଇ ସାରିଲେଣି । ପ୍ରଦୂଷଣରେ ଭରପୁର ଆଜିର ସମାଜ । ପ୍ରକୃତିର ଗର୍ଭଚିରି ପ୍ରକୃତିର ନିୟମ ଓ ଶୃଙ୍ଖଳାକୁ ପଦାଘାତ କରିବାକୁ ପଶ୍ଚାତପଦ ନୁହେଁ... ସତରେ କଣ ପ୍ରକୃତି ଅସହ୍ୟ ହୋଇ ଦିନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବ ? ଏମିତି ଅସଂଖ୍ୟ ପ୍ରଶ୍ନର ଖିଅ ଜଟିଳ ଚିନ୍ତାରୁ ସଂଗ୍ରହ କରୁଥିଲେ ସ୍ୱପ୍ନରଂଜନ...

"କଣ ଖବର କାଗଜଟା ଧରି ବସିଥିବ ? କଲେଜ ଯିବ ନାହିଁ ?" ପ୍ରଶ୍ନକଲେ ସ୍ୱପ୍ନରଂଜନଙ୍କ ସ୍ତ୍ରୀ ସଂଜନା ଦେବୀ । ବାସ୍ତବତା ଭିତରକୁ ଫେରିଆସିଲେ ସ୍ୱପ୍ନରଂଜନ । ସତରେ ସେ ତ କଲେଜ ଯିବେ । ପାଖରେ ଥିବା ଅଧାକପ୍ ଥଣ୍ଡା ଚା କୁ ପିଇବା ପାଇଁ ଉଠାଇଲା ବେଳକୁ ସେଥିରେ ମାଛିଟିଏ ପଡି ଅଣନିଃଶ୍ୱାସୀ ହୋଇ ପହଁରୁଛି । ବିରକ୍ତରେ ଚାହାରୁ ଆଖି ଫେରାଇ ଆଣି ଚିନ୍ତାକଲେ, ଆଜି ଯେଉଁ ଶ୍ରେଣୀରେ ପଢାଇବାକୁ ଯିବେ, କଣ ପଢାଇବେ ? ସେଠି ତ ପିଲାମାନେ ପଢିବାକୁ ଆସୁନାହାନ୍ତି । ଅନେକ ପିଲା ଆସୁଛନ୍ତି ଅବସର ବିନୋଦନ ପାଇଁ । ଅଧ୍ୟାପକ ଭଳି ଜନ୍ତୁ ମାନଙ୍କୁ ଚିଲାଇବା ପାଇଁ ବେଳେ ବେଳେ ଛାତ୍ରୀମାନଙ୍କୁ କିମ୍ୱା ମେଧାବୀ ଛାତ୍ର ଛାତ୍ରୀଙ୍କୁ ହଇରାଣ କରିବାପାଇଁ । ସେଥିରେ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ସେମାନଙ୍କର ଅପାର ଆନନ୍ଦ । ପ୍ରତିବାଦ ଓ ପ୍ରତିରୋଧ କରିବା ଶକ୍ତି କାହାର ବି ନାହିଁ । ସେମାନେ ଗଣତାନ୍ତ୍ରିକ ଅଧିକାର ପାଇଛନ୍ତି । ସେମାନଙ୍କ ବିରୋଧରେ ଗଲେ ସୃଷ୍ଟିହେବ ତାଣ୍ଡବଲୀଳା । ଅସହିଷ୍ଣୁତା, ସନ୍ଦେହ ଓ ଭୟର ଖଣ୍ଡ ଖଣ୍ଡ କଳା ବାଦଲରେ ପରିପୂର୍ଣ୍ଣ ଆଜିର ମହାବିଦ୍ୟାଳୟ । ଶିକ୍ଷାଠାରୁ ଅଧିକକୁ ଶିକ୍ଷାର ସ୍କୁଲି ଆଜିର ବିଦ୍ୟାଳୟ ଓ ମହାବିଦ୍ୟାଳୟ । ଆଜି ଆମେ ରୁଗଣ୍ ହୋଇ ଉଠିଛୁ । ଏହାର ଉପଯୁକ୍ତ ଉପଚାର ଦରକାର । 'ପାଠରୁ ବା କଣ ମିଳିବ ? ଡିଗ୍ରୀ ପାଇ ଆମେ ବେକାର ହେବୁ । ଆଉ ଏଇ ସାଧାରଣ ଡିଗ୍ରୀ ଗୁଡାକ ଟଙ୍କା ଫିଙ୍ଗାଯାଇ କିଣାଯାଇପାରେ । କ୍ଲାସରେ ବସି ଅଧ୍ୟାପକଙ୍କ ହାକିମ ପଣିଆ ଆମକୁ ସୁହାଇବ ନାହିଁ ।' ଏ ଥିଲା ଛାତ୍ରନାମଧାରୀ ଏକ ବିଶୃଙ୍ଖଳିତ ଯୁବକର ଯୁକ୍ତି । ଅଧ୍ୟାପକ ସ୍ୱପ୍ନରଂଜନଙ୍କ ଆଦର୍ଶ ପ୍ରତି ଏକ ବିଦୃପ ଉପହାସ... ।

ପ୍ରକୃତିସ୍ଥ ହୋଇ ଉଠିଲେ ସ୍ୱପ୍ନରଂଜନ । ଏଇ ଆଖିରେ ସେ ଅନେକ ସ୍ୱପ୍ନ ଦେଖିଥିଲେ । ଜଣେ ଆଦର୍ଶ ଅଧ୍ୟାପକ ହେବା ପାଇଁ । ମନରେ ଆବେଗ ଟାଣି ନେଉଥିଲା ତାଙ୍କୁ ଏଇ ଜୀବିକା ବାଛିବା ପାଇଁ, ଯୁବକଙ୍କ ଗହଣରେ, ଯୁବକତ୍ୱ ରକ୍ଷାକରି, ସମୟ ଚାଲୁଣିରେ ଗଳି ନ ଯାଇ, ବାର୍ଦ୍ଧକ୍ୟରେ ସ୍ଥାଣୁତ୍ୱରେ ଛନ୍ଦି ନ ହୋଇ ସେ ଇ ଯୁବକ ମାନଙ୍କୁ ସୁପଥ ଦେଖାଇ ମଣିଷର ରୂପ ଦେବାକୁ ସେ ଜୀବନର ଆଦର୍ଶ କରିଥିଲେ । କିଛିକାଂଶରେ ସେ ସଫଳ ହୋଇଥିଲେ ମଧ୍ୟ । କିନ୍ତୁ ଆଜି କାହିଁକି ସେ ଭାଙ୍ଗି ପଡିଛନ୍ତି । ନିସ୍ତେଜ ମନେ କରୁଛନ୍ତି । ବାର୍ଦ୍ଧକ୍ୟତାର କରାଳ ଛାୟା ତାଙ୍କୁ ଆଜି ଗ୍ରାସ କରିବାକୁ ବସିଛି । ସତେ ଯେମିତି ତାଙ୍କ ସ୍ୱପ୍ନକୁ, ଆଦର୍ଶକୁ ଓ ମନଟାକୁ କଟମଟ କରି କାମୁଡି ଶେଷ କରିଦେବ... ।

ସେ ତତ୍‌କ୍ଷଣାତ୍ ପୋଷାକ ପିନ୍ଧି ବାହାରିଲେ କଲେଜ । ଠିକ ସେତିକିବେଳେ ସ୍ୱପ୍ନ ରଂଜନଙ୍କ ଦୁଇ ପୁଅଙ୍କ ଭିତରେ ସାଧାରଣ କଥାପାଇଁ ଲାଗିଗଲା କଳି । ବାପା ଓ ମାଙ୍କ ତାଗିଦ୍, ଉପଦେଶ ଓ ହସ୍ତକ୍ଷେପ ତାଙ୍କପାଇଁ ଗ୍ରହଣୀୟ ନୁହେଁ । ସେମାନେ ସ୍ୱାଧୀନ । ଗଣତାନ୍ତ୍ରିକ । ବାପା ଓ ମା ଙ୍କ ବୁର୍ଜୁଆ ହସ୍ତକ୍ଷେପ ଓ ଉପଦେଶ ତାଙ୍କ ପାଇଁ ମୂଲ୍ୟହୀନ । କିଂକର୍ତବ୍ୟବିମୁଢ ହୋଇ ଛିଡା ହୋଇଥିଲେ ସ୍ୱପ୍ନରଂଜନ । ସଂଜନା ଦେବୀ ଛୁଆଙ୍କ ଉପରେ ଯେତେ ବିରକ୍ତ ହେଲେ ନାହିଁ, ତାହାଠାରୁ ଅଧିକ ବିରକ୍ତ ହେଲେ ସ୍ୱାମୀଙ୍କ ଉପରେ । ଛୁଆ ମାନଙ୍କୁ ଅନୁଶାସନ କରି ପାରୁନଥିବାର ଆରୋପ କଲେ ସେ । ସ୍ୱପ୍ନରଂଜନଙ୍କୁ ମନେ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ହେଲା, ସତେ ଯେମିତି ବିଶୃଙ୍ଖଳାର କଂକଡା ବିଛା ଗୁଡାକ ତାଙ୍କ ମୁଣ୍ଡ ଭିତରେ ସାଲୁ ସାଲୁ ହେଉଛନ୍ତି... ଏବଂ ନାହୁଡ ମାରି ଚାଲିଛନ୍ତି ।

ସଂଜନା ଦେବୀ ପୁଣି ଚିହ୍ଲାର କରି ଉଠିଲେ; "କଣ ଦାରୁଭୂତ ପରି ଛିଡା ହୋଇଛ ଯେ - ପିଲାମାନଙ୍କ କଥା ତ ବୁଝିଲ ନାହିଁ । ମୋତେ ଏ ଜଂଜାଳ ଭିତରେ ପକାଇ ଦେଇ ତୁମେ କଲେଜ ଚାଲିଯିବ । ଦରମା କେବେ ମିଳିବ ? ୧୫ ତାରିଖ ହେଲାଣି !! କି ଅଧ୍ୟାପକ ହେଇଛ ମ ? ଓହୋ ବେସରକାରୀ ପରା...!" ବିଦ୍ୟୁତାର ସ୍ୱର ଭିତରେ ତାସ୍ଫଲ୍ୟତା ଉପଲବଧି କଲେ, ସ୍ୱପ୍ନରଂଜନ ।

ବିଚରା ସ୍ୱପ୍ନରଂଜନ । ହଜାଇ ଦେଇଥିବା ସ୍ୱପ୍ନକୁ ପୁଣି ଖୋଜିବା ଶକ୍ତି ହରାଇଥିବା ପରି ମନେ କଲେ । ମନ ଆବେଗର ବେଗ କମିଯାଇଥିଲେ ମଧ୍ୟ ହୃଦୟ କ୍ରନ୍ଦନର ସ୍ପନ୍ଦନ ଭିତରେ ମାନବିକ ସ୍ନେହଟିକୁ ସାଉଁଟି ଧରି ଚାଲିଲେ - କର୍ମକ୍ଷେତ୍ରକୁ । ଆଜି ଦିନଟି କେମିତି କଟିବ ?

ଅନେକ ଆକାଂକ୍ଷା ଓ ଆଶଂକାକୁ କୋଳାଗ୍ରତ କରି ସେ ଚାଲିଲେ ଆଗକୁ । ଆଶାର ଆଶାବାଡି ଧରି ସେ ଚାଲିଲେ, ମଣିଷ ଗଢିବେ ବୋଲି । ଆଖିର ଆକାଶରୁ ଅହଂକାର, ସ୍ୱାର୍ଥ, ଦ୍ୱେଷ, ପରଶ୍ରୀକାତରତାର ନିଷ୍ଠୁର ସତ୍ୟ ଭିତରୁ ତୁମ ସ୍ୱପ୍ନର ମହକ ଉଠିବ ତ ? କୁହ, କୁହ ତୁମେ ସ୍ୱପ୍ନର ସୌଦାଗର; ସ୍ୱପ୍ନରଂଜନ ??


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ରମ୍ୟ ରଚନା





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଜାଗୋ ନିଶ ଜାଗୋ

ଶିବ ପ୍ରସାଦ ମିଶ୍ର



ମୁଁ ମୋ ନିଶ ବିଷୟରେ ଦୁଇ ପଦ ବଖାଣିବି । ମଜାଦାର ନିଶଟେ । ଏକ୍‌ଦମ୍ ସାନଦାର୍ । ପୁରାପୁରି ଆକର୍ଷଣୀୟ । ଖୁବ୍ ସୁସ୍ଥ ସବଳ । ଦେଖିବା ଲୋକେ ତାକୁ ଘଡିଏ ଚାହିଁବେ । ତାର ବେଶ ତାରିଫ କରିବେ । ଅଲବତ୍ କରିବେ । ପ୍ରଶଂସା ନ କରି ରହିପାରିବ ନାହିଁ । ଏପରି ଏକ ନିଶର ମାଲିକାନା ପାଇ ମୁଁ ବିଶେଷ ଭାବେ ଗର୍ବିତ ।

ଅବଶ୍ୟ ପ୍ରତ୍ୟେକ ନିଶ କିଛି କିଛି ଗର୍ବର କାରଣ । ଯେହେତୁ ନିଶଟା କୁଆଡେ ଜଣେ ପୁରୁଷକୁ ସୁନ୍ଦର ଚେହେରାଟେ ଯୋଗାଇଦିଏ । ସେହି ଚେହେରାର ଆକର୍ଷଣରେ ସୁନ୍ଦରୀ ଝିଅଟେ ସହଜରେ ଫସିଯାଏ । ବୋଧହୁଏ ସୌନ୍ଦର୍ଯ୍ୟବୋଧର ରୂପେଲି ସହରଟା ପାଇଁ ନିଶଟା ଯେ ନିଜେ ଗୋଟେ ଟିପ୍‌ସ ବନିଯାଏ ।

ଉପରୋକ୍ତ ଉପପାଦ୍ୟକୁ ମୁଁ ଚେହେରାର ପାଠଶାଳାରୁ ହିଁ ଆହରଣ କରିଛି । ପୁଣି ସେହି ସିଦ୍ଧାନ୍ତକୁ ମୁଁ ମୋ ଜୀବନରେ ମଧ୍ୟ ପ୍ରୟୋଗ କରିସାରିଛି । ତେଣୁ ନିଶଟା ପାଇଁ ମୁଁ ଖୁବ୍ ଯତ୍ନଶୀଳ । ତାହାକୁ ସୁନ୍ଦରତର କରିବାରେ ସମସ୍ତ ଚେଷ୍ଟାକୁ ଆପଣେଇ ନେଇଛି ।



ମୋ ଆଗାମୀ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଭବିଷ୍ୟତ ପାଇଁ ନିଶଟାର ବହୁତ କାମ । ହୁଏତ ତାରି ଆକର୍ଷଣରେ ମୋର ଭାବୀ ପତ୍ନୀ ସହଜରେ ମୋ ପ୍ରତି ଆକୃଷ୍ଟ ହୋଇ ପାରନ୍ତି । ବିନା ଦ୍ୱିଧାରେ ସେ ମୋର ଚେହେରାକୁ ପସନ୍ଦ କରି ପାରନ୍ତି । ଏହା ବ୍ୟତୀତ ଆଉ ଗୋଟିଏ ମଜାକଥାକୁ ବି ଆଶା କରାଯାଇପାରେ । ନିଶର ସୌନ୍ଦର୍ଯ୍ୟଟା ମୋ ଶାଳୀର ମନରେ ବି ନିଆଁ ଲଗାଇ ଦେଇପାରେ । ନିଶର ସୌମ୍ୟରୂପରେ ସେ ମୋ ଦିଗକୁ ସ୍ୱତଃ ଟାଣି ହୋଇଯାଇପାରେ । ଶେଷରେ ଶାଳୀକୁ ମୁଁ ମଧ୍ୟ ପଟେଇ ଦେଇପାରେ ।

ଏପରି ନିଶକୁ ନେଇ ଗୋଟେ ମୋର ରଙ୍ଗୀନ ସ୍ୱପ୍ନ । ସ୍ୱପ୍ନରେ ମୁଁ ଉବୁଟୁବୁ । ମୁଁ ତାରି ଭିତରେ ପୁରାପୁରି ତଲ୍ଲୀନ । ସତରେ ସ୍ୱପ୍ନର ସେହି ଶାଗୁଆ ଇଲାକାରେ ନିଶଟା ମୋର ରାଜା । ମୁଁ ତାର ଦାସଟେ । ଏକାନ୍ତ ଭାବେ ଅନୁଗତ ଥିବା ଭୃତ୍ୟଟେ ।

ସମୟ କ୍ରମେ ମୋ ବାହାଘର । ବାହାଘରଟା ପକ୍‌କା । ତେବେ ମୋ ନିଶକୁ ନେଇ ଭାରି ହଟହଟା । ତାର ବେଣ୍ଡ ବାଜିଯିବାର ଦୃଶ୍ୟଟେ । ସେଦିନ ଶାଳୀଜୀ ମୋ ନିଶ ଉପରେ ହଠାତ୍ ଗୋଟେ କଟୁ ମନ୍ତବ୍ୟ ଦେଇଦେଲେ । ଏକଦମ୍ ସିଧା ସିଧା ବୁଝେଇଦେଲେ – 'ଆମ ଘରେ କେହି ଜଣେ ବି ଏହି ନିଶର ପ୍ରଶଂସା କରନ୍ତି ନାହିଁ । ସମସ୍ତେ ତାର ଘୋର ବିରୋଧୀ । ନିଶ ରଖିବାର ସଉକକୁ କେହି ବି ବରଦାସ୍ତ କରିପାରନ୍ତି ନାହିଁ । ଧମକ ଦେଲେ ବି । ଖବରଦାର୍ । ବାହାଘର ପୂର୍ବରୁ ଯେମିତି ତୁମର ଏହି ଭୟାନକ ନିଶଟା ଗୁଲ୍ ହୋଇଯାଏ । ନଚେତ୍ ବାହାଘର ପରଦିନ ସକାଳୁ ସକାଳୁ ଅଘଟଣଟେ ଘଟିଯିବ । ଅପା ତୁମକୁ ତଲାଖ ଦେଇଦେବ ।

ତଲାଖ୍‌ର ପ୍ରଧାନ କାରଣ ରୂପେ ସେହି ଭୟାନକ ନିଶଟିକୁ ଦାୟୀ କରାଯିବ ।

ମୁଁ ଚିନ୍ତାମଗ୍ନ । ମୋର ଏତେ ସୁନ୍ଦର ନିଶଟା ତାଙ୍କ ଆଖିରେ ଗଲାନି । ଭୟାନକ ହୋଇଗଲା । ଖୁଙ୍ଖାର ପାଲଟିଗଲା । ତଥାପି କଥାଟିକୁ ହାଲୁକା ଭାବେ ଚିନ୍ତା କରୁଥିଲି । ଯାହାହେଲେ ବି ଏଇଟା ଶାଳୀର କମେଣ୍ଟ୍ । ମୋଟେ ଧମକ ନୁହେଁ । ବରଂ ଗୋଟିଏ ଜୋକ୍ । ଅଧା ଗପ, ଅଧା ସତ ।

କଥାଟାରେ କିନ୍ତୁ କିଛି ହାଲୁକାପଣ ନଥିଲା । ସେଇଟା ବାସ୍ତବରେ ଗୋଟେ ଜୋରଦାରଂ ସତ ଥିଲା ।

ମୋ ବାହାଘର ଆଜି ସରିଯାଇଛି । ବାସର ରାତି । ଫୁଲଭର୍ତି ଶେଯ । ଶେଯ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଉପରେ ଅବଗୁଣ୍ଠନମତୀ ପତ୍ନିଜୀ । ଶଂଖମଲମଲ ଚେହେରାର ପତ୍ନୀ । ହଜାରେ କୋଣାର୍କର ସୌନ୍ଦର୍ଯ୍ୟ ସେଠାରେ ଠୁଳ ହୋଇଥିବ । ସେହି ସୌନ୍ଦର୍ଯ୍ୟକୁ ବେଶ ଉପଭୋଗ କରାଯାଇପାରେ । ଉପଭୋଗର ଲାଳସାକୁ ମୁଁ ଆଦୌ ସଂବରଣ କରି ପାରୁନି । ମନଟା ମୋର ଗୋଟେ ଅଜବ ଲାଳସାରେ ଉଚ୍ଚାଟ । ଉଦ୍‌ବେଗର ସହିତ ପତ୍ନୀଙ୍କ ମୁହଁ ଉପରୁ ପରଦାଟାକୁ ଉଠେଇଦେଲି ।

ସମୟଟା ହଠାତ୍ ବିଗିଡିଗଲା । ମୋର ସବୁ ଖୁଶି ଛୁ । ସବୁକିଛି ଅପ୍ରତ୍ୟାଶିତ । କାହାରି ବି କିଛି ପୂର୍ବ ସୂଚନା ନଥିଲା ।

ପତ୍ନୀଦେବୀ ମୋ ନିଶକୁ ଦେଖି ଏକଦମ୍ ଖପ୍‌ପା । ନାକଟେକି ଦେଲେ ସେ । ସଂଗେ ସଂଗେ ବାଜେ ଟିପ୍‌ପଣୀଟେ ଦେଇଦେଲେ । ତାଂକ ପକ୍ଷେ ସବୁ କିସମର ନିଶ ଗୁଡାକ ଘୃଣ୍ୟ । ହରଦମ ସେ ନିଶକୁ ଘୃଣା କରନ୍ତି । ନିଶର ଚଉଦ ପୁରୁଷକୁ ଓଝାଳି ପକାନ୍ତି । ନିଶଟା ତାଙ୍କପାଇଁ ଆଲର୍ଜି । ଅସନା ବସ୍ତୁଟେ । ସୁତରାଂ ତାହାଙ୍କ ଆଦରଣୀୟ ପତିଟେ ହେବାପାଇଁ କେହି ଜଣେ ଅଗତ୍ୟା ବେନିଶ ହେବାକୁ ପଡିବ । ତାଙ୍କ ନାକତଳେ ନିଶଟେ ନଥିବ ।

ନିଶଟା ପୁରାପୁରି ତଟସ୍ଥ । ମନଟା ଚହଲି ଯାଇଛି । ଧଳା ରଂଗର ତାଜମହଲଟା ତାଙ୍କୁ କଳା ଦିଶୁଛି । ଅକାରଣେ ଦୋଷାରୋପକୁ ସଂଭାଳିନେବା ତା ପକ୍ଷେ କଷ୍ଟକର । ସେଥିପାଇଁ ତାର କୌଣସି ମାଂସପେଶୀରେ ଆବଶ୍ୟକୀୟ ତାକତ୍ ନାହିଁ । ସେ ଭୟରେ ଜୁଡୁବୁଡୁ । କାଳେ କାହାର ଖରାପ ନଜର ତା ଇଜ୍ଜତ ନେଇଯିବ । ସେ ବେଇଜ୍ଜତ ହୋଇଯିବ ।

ବିଚରା ଖୁବ ବିଚଳିତ । କାହାଦ୍ୱାରା ଅଗ୍ରାହ୍ୟ ହୋଇଯିବା ପରେ ନିଜ ବଂଚିବାକୁ ତୁଚ୍ଛ ମଣୁଛି । ଭାବୁଛି 'କାହାର ଖୁସି ପାଇଁ ନିଜକୁ ଆତ୍ମବଳି ଦେଇଦେବାଟା ଶ୍ରେୟସ୍କର ।

ନିଶଟା ବହୁତ ଭାବିଲା । ପରେ ଗୋଟିଏ ଐତିହାସିକ ନିଷ୍ପତିରେ ପହଂଚିଗଲା । ପତ୍ନୀଙ୍କ ଦାୟରେ ସେ ନିଜକୁ ଉତ୍ସର୍ଗ କରିଦେବ । ପୃଥିବୀର ଇତିହାସରେ / କୁରୁବାନିର ଦୁନିଆରେ ଗୋଟେ ଉଲ୍ଲେଖନୀୟ ଚରିତ୍ରଟେ ପାଲଟିଯିବ ।

ସେଦିନଠାରୁ ମୋ ନିଶଟା ଲାପତା, ନିଖୋଜ । ମୋ ମାଲିକାନାକୁ ଖାତିର ନକରି ସେ ମୋ ପାଇଁ ନିରୁଦ୍ଧିଷ୍ଟ । ଅବଶ୍ୟ ତାର ବହୁତ ଖୋଜ ଖବର ନେବାପରେ

ତା ସହିତ ଦିନେ ମୋର ଅକସ୍ମାତ୍ ଦେଖା ହୋଇଗଲା । ସେ ମୋ ଗାଁ ଭଣ୍ଡାରୀ ମୁକୁନ୍ଦାର ଘର ଦାଣ୍ଡରେ ଟହଲ ମାରୁଥିଲା ।

ନିଶଟା କାନ୍ଦୁଣୁ ମାନ୍ଦୁଣୁ ଦିଶୁଛି । ଲୁହ ଛଳଛଳ ଆଖିରେ ସେ ତା କ୍ଷୋଭକୁ ପ୍ରକାଶ କରୁଛି । ତା ଜୀବନଟା କାହା ମନରେ କାଣିଚାଏ ସୁଖ ଦେଇପାରିଲା ନାହିଁ । ସେ କାହାର ଆଦରର ପାତ୍ର ହୋଇ ପାରିଲା ନାହିଁ । ତା ଜୀବନଟା ନିଥର । ଅବାଂଛିତ । ତୁରନ୍ତ ଏହି ମୂଲ୍ୟହୀନ ଜୀବନର ପରିସମାପ୍ତି ଘଟିଯାଉ । ସେ ତାର ଧାରୁଆ କଇଁଚିରେ ତାକୁ ନିଶେଷ କରିଦେଉ । ଯଦିଓ ଏହା ଅପ୍ରତ୍ୟାଶିତ ।

ମୁକୁନ୍ଦା ଭଣ୍ଡାରୀ ହସିଲା । କହିଲା – 'ସାଆନ୍ତେ । ବିନା ନିଶରେ ଜଣେ ପୁରୁଷର ନାମର୍ଦାଙ୍ଗୀଟା ପଦାରେ ପଡିଯାଏ । ତା ମରଦ ହେବା ଉପରେ ଆଂଚ ଆସେ । ତେଣୁ ଜଣେ ପୁରୁଷ ପକ୍ଷେ ନିଶଟା ନିହାତି ଜରୁରୀ । ନିଶଟା ରହୁ । କେବଳ ତା ଆକରକୁ ବଦଳାଇ ଦିଆଯାଉ । ମୋଟା, ଚଉଡା, ବହଳା ନିଶଟାକୁ କାଟି କୁଟି ଗୋଟେ ସରୁ ନିଶରେ ପରିଣତ କରିଦିଆଯାଉ । ସବୁ ସମସ୍ୟାର ସମାଧାନ ମିଳିଯିବ । ବଂଶୀଟା ଛୋଟ ହେଉ ପଛେ ବାଂସୁରୀ ଶୁଣାଯାଉଥାଉ ।

ମୁକୁନ୍ଦା ପୁଣି ବୁଝାଇଲା । ସରୁ ନିଶର ଗୋଟେ ନିଆରା ମଜା ଅଛି । କେରାଏ ଖୁସି ଅଛି । ଗହଳ ନିଶଟା ପରି ସରୁ ନିଶ ମାଡାମଙ୍କ ପକ୍ଷେ ଆଦୌ ଭୟଂକର ହୋଇନପାରେ । ବରଂ ଗୋଟେ ସରୁ ନିଶର ଇଶାରାରେ ତାଙ୍କ ଇରାଦା ବଦଳିଯିବ । ତାଙ୍କ ମିଜାଜ ଖୁସ ହୋଇଯିବ । ସୁତରାଂ କେବଳ ନିଶର ଚେହେରାକୁ ବଦଳେଇ ଦେଇ ତାର ଅସ୍ତିତ୍ୱକୁ ଜାହିର କରାଯାଉ । ତାହାର ଉପସ୍ଥିତିକୁ ବଜାୟ ରଖାଯାଉ ।

ମୁକୁନ୍ଦା ତା ଧାରୁଆ କଇଁଚି ପରଖୁଥିଲା । ଗୋଟେ ଚୁଟକିରେ ସେ ନିଶଟାର ମାନଚିତ୍ରକୁ ବଦଳେଇଦେବ ।

ମୁକୁନ୍ଦା ପାଇଁ ନିଶଟା ନାରାଜ । କଥାଟା ନିଶର ମନକୁ ଜମା ପାଇଲାନି । ତା ପାଇଁ ମୃତ୍ୟୁଟା ଅପରିହାର୍ଯ୍ୟ । ମୁକୁନ୍ଦା ତାକୁ ଜୀଇଁବାର ଇନ୍ଦ୍ରଧନୁକୁ ଦେଖେଉଛି । ମୃତ୍ୟୁର ଧୂସର ଇଲାକା ବଦଳରେ ବଂଚିବାର ଶାଗୁଆ ମଇଦାନର ଠିକଣା ବତଉଛି । ନିଶଟା ବିନା ଶୋଚ ସମଝରେ ମୁକୁନ୍ଦାଠାରୁ ବିଦାୟ ନେଲା ।

ମୁଁ ନିଶର ପିଛା କରୁଛି । କାଳେ କେତେବେଳେ ସେଇଟା ମୋ ସାମନାରୁ ଗାୟବ ହୋଇଯିବ । ବାଟରେ ମୁଁ ତାକୁ ତୁହାକୁ ତୁହା ବୁଝଉଚି – 'ମୁକୁନ୍ଦା ଠିକ୍


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

କହୁଛି । ତାକୁ ମାନିଯିବାଟା ଉତମ । ଏଥିରେ ଅନ୍ତତଃ ମରଦପଣିଆଟା ବଂଚିଯିବ । ନିଶପ୍ରତି ବିତସ୍ପୃହଥିବା ମ୍ୟାଡମଙ୍କୁ ଖୁସିର ଆଖୁ କିଆରୀଟେ ମିଳିଯିବ ।'

ହେଲେ ମୋ କଥାପ୍ରତି ତାର କାନ ହିଁ ନାହିଁ । ସେ ତା ରାସ୍ତାରେ । ଦେଖୁ ଦେଖୁ ସେ ମୋ ସାମନାରୁ କେତେବେଳେ ଅନ୍ତର୍ଦ୍ଧାନ ହୋଇଗଲାଣି ।

ଏଥର ପୁଣି ତାସହିତ ଦେଖା ହେଲା ସହରରେ । କୌଣସି ବିଳାସପୂର୍ଣ୍ଣ ସେଲୁନରେ । ନିଶଟା ଆରାମରେ ମୁର୍ଭିଂ ଚେୟାର ଉପରେ ବସିଯାଇଛି । ଆଖି ଦୁଇଟାକୁ ବନ୍ଦକରି ଘୁମଉଛି । ହୁଏତ ଗାଁରୁ ସହରକୁ ଆସିବାର ଥକାନ ମେଂଟଉଛି । ସେ ବାରିକର ଅପେକ୍ଷାରେ ।

ତା ଉପରେ ବାରିକର ମଧ୍ୟ ନଜର । ନିଶଟାର ଦୈର୍ଘ୍ୟ, ପ୍ରସ୍ଥ, ଚଉଡାକୁ ଦେଖି ବାରିକ ଏକପଣେ ଆଶ୍ଚର୍ଯ୍ୟ । ବେହଦ୍ ଖୁସ । ମନେ ମନେ ସେ ନିଶଟାର ଲୋକପ୍ରିୟତାକୁ ଆକଳନ କରୁଛି, 'ବାଃରେ ନିଶ ! ଏପରି ବିରଳ ନିଶକୁ ସେ ତା ବାରିକ ଜୀବନରେ ଖୁବ୍ କ୍ୱଚିତ୍ ଦେଖିଛି ।'

ଖୁସିରେ ସେ ନିଶଟାକୁ ନିଦରୁ ଉଠେଇଦେଲା । 'ଜନାବ ! ନିଦରୁ ଉଠ' । ନିଶଟା ନିଦରୁ ଧଡପଡ ହୋଇ ଉଠିପଡିଲା । ବଡ ବଡ ଆଖିରେ ତା ଚାରିପାଖକୁ ଚାହିଁଲା । ସାମନାରେ ତା ବାରିକ । ଆବଶ୍ୟକୀୟ ସରଂଜାମ ଧରି ସେ ହସୁଛି । ସେ ଖୁବ୍ ପ୍ରଶଂସା କରୁଛି ନିଶର । ଏପରି ଗୋଟେ ମୋଟା ବହଳିଆ ନିଶଧାରୀର ହାଇ ଲେବେଲ୍ / ହାଇ ପ୍ରୋଫାଇଲ୍ର ପ୍ରତୀକ । ସହରର ହବାରେ ଏପରି ଏକ ନିଶର ଯଥେଷ୍ଟ ଆଦର । ଏଇଟା କୁଆଡେ ସହରର ଲେଟେଷ୍ଟ ଫେସନ୍ ।

ବାରିକ ନିଶଟାକୁ ଧନ୍ୟବାଦ ଦେଉଛି । ସାବାସି ଦେଉଛି । ଜୟ ଜୟକାର କରୁଛି । ଜୟ ହୋ... କହୁଛି । ଶେଷରେ ତାର ଶୁଭ ମନାସୁଛି । 'ନିଶଜୀ ! ତୁମେ ଯୁଗ ଯୁଗ ଜିଓ । ସବୁଦିନ ପାଇଁ ତୁମର ଏହି ସୁନ୍ଦର ଚେହେରା ବଜାୟ ରହୁ । ଲୋକେ ତୁମର ଏହି ଖୁବସୁରତିକୁ ଚିରଦିନ ଉପଭୋଗ କରନ୍ତୁ ।

ନିଶର ଧଡକନ ବନ୍ଦ । ପ୍ରକାଶ ପାଇବା ପାଇଁ ତା ଛାତି ଭିତରୁ ଉଠି ଆସୁଥିବା ଦୁଃଖଟା ତା ଓଠ ସେପାଖେ ହିଁ ହଜିଗଲା। କଣ କହିବ ସେ ବାରିକକୁ । ଯେଉଁ ଯନ୍ତ୍ରଣାରେ ସେ ଛଟପଟ ହେଉଛି ସେହି ବେଦନାକୁ ସେ କିପରି ବା ପ୍ରକାଶ କରିବ ? ତା ଚେହେରାଟାକୁ ବାରିକ ଢେର ପ୍ରଶଂସା କରୁଛି । ତା ପୃଥୁଳକାୟ ଆକାରଟା


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶନୀ ମହାପାତ୍ର

ବାରିକର ଫାଷ୍ଟ ପ୍ରିଫେରେନ୍ସ ହେଇଗଲାଣି । ତା ଉଚ୍ଛେଦଜନିତ ଦୁଃଖର ଚାପୁରକୁ ବାରିକ ବା କାହିଁକି ପଢିବ ? କିପରି ପଢିବ ?

ନିଶଟା ନିରାଶ । ସେଠାରେ ସେ ଆଉ ଗୋଟିଏ ମିନିଟ୍ ବି ଅଟକି ରହିବା ପାଇଁ ଅନିଚ୍ଛୁକ । ଏହା କେବଳ ସମୟର ବରବାଦୀ । ଚୁପଚାପ ସେ ଚେୟାର ଛାଡୁଥିଲା । ଅବଶ୍ୟ ସେତେବେଳେ ତା ସାମନାର ଆଇନାରେ ନିଜ ଚେହେରାକୁ ଶେଷଥର ପାଇଁ ଦେଖି ନେଇଥିଲା । ବୋଧେ ତା ଆଗାମୀ ଜୀବନରେ ଧସି ଆସୁଥିବା ହରେଇବାର ଦୁଃଖକୁ ସାମନା କରିବା ପାଇଁ ନିଜକୁ ପ୍ରସ୍ତୁତ କରି ନେଉଥିଲା ।

ଦର୍ପଣର ମସୃଣ ଚଟାଣ ଉପରେ ଚମତ୍କାରଟେ । ଗୋଟିଏ ଅଜବ ଦୃଶ୍ୟ । ସେଠାରେ ଅନେକ ନିଶମାନଙ୍କର ପ୍ରବଳ ଭିଡ । ମୁଚୁକୁନ୍ଦିଆ ନିଶ / ପ୍ରଜାପତିଆ ନିଶ / ଫ୍ରେଂଚକଟ୍ ନିଶ / ବାଘୁଆ ନିଶ ବଗେରା ବଗେରା ନିଶ ମାନଙ୍କର ଅପୂର୍ବ ସମାବେଶ । ସେମାନେ ନିଶଟାର ନାକତଳୁ ଉଭାନ ହୋଇଯିବାର ଶେଷ ନିଷ୍ପତିରେ ଭୀଷଣ ଭାବେ ଉତ୍‌କ୍ଷିପ୍ତ । କ୍ଷୁବ୍ଧ । ମର୍ମାହତ । ଏଣୁ ସେମାନେ ଏହି ନିଶର ଘୋର ବିରୋଧୀ । ସେମାନେ ନିଶକୁ ବୁଝେଇ ସୁଝେଇ ଏପରି ଏକ ଅବାଂତର ଚେଷ୍ଟାରୁ ହଟେଇନେବାକୁ ହରଦମ୍ ଚେଷ୍ଟା କରୁଛନ୍ତି ।

ଚାହୁଁ ଚାହୁଁ ଦୁଇଟା ନିଶ କାଚର ପରଦା ଫାଡିଦେଇ ନିଶଟାର ସାମନାରେ ଉଭା ହୋଇଗଲେ । ପ୍ରଥମେ ପ୍ରଜାପତିଆ ନିଶଟା ବୁଝେଇଲା 'ନିଶଟା ଯେ କୌଣସି ପୁରୁଷ ପାଇଁ ତା ପୌରୁଷର ଲେବେଲ ବା ମାପକାଠି । ତା ପ୍ରୋଫାଇଲ ପାଇଁ ଗୋଟେ ସ୍କେଲ୍ । ପୁଣି ଆଜିକାଲି ସହରରେ ପତଳା, ସରୁ ନିଶ ଅପେକ୍ଷା ମୋଟା ତଗଡା ନିଶର ଚାହିଦା ଯଥେଷ୍ଟ ଅଧିକ । ତାର ଖୁବ ଆଦର । ତେଣୁ ସେ ତା ରୂପକୁ ଅପରିବର୍ତିତ ରହିବା ପାଇଁ ସଂଗ୍ରାମ କରୁ । ସଂଗ୍ରାମ ଭିତରେ ବଂଚି ରହୁ ।' ପ୍ରଜାପତିଆ ନିଶଟା ତା ବକ୍ତବ୍ୟ ଶେଷ କଲା ।

କିନ୍ତୁ ବାଘୁଆ ନିଶଟା ଏହି ନିଶକୁ ଧମକ ଦେଲା । 'ନିଶଜୀ ! କାନ ଖୋଲିକି ଶୁଣ, ନିଜ ନିଷ୍ପତିରୁ ଓହରି ଯାଅ । ନହେଲେ ପରିସ୍ଥିତି ବେଶୀ ମହଙ୍ଗା ପଡିବ । ତୁମେ ନେଇଥିବା ଡେସିସନ୍‌କୁ ନିଶ ମହାସଂଘର ସାଂବିଧାନିକ ନିୟମର ଖୁଲମଖୁଲା ଉଲଂଘନ ବୋଲି ଧରାଯିବ । ତୁମକୁ ରୀତିମତ ଶାସ୍ତି ମିଳିବ । ନାକତଳୁ ତୁମ ଜନ୍ମକୁ ଯୁଗ ଯୁଗ ପାଇଁ ବାତିଲ କରି ଦିଆଯିବ । ନିର୍ମମ ଭାବେ ରଦ୍ଦ କରି ଦିଆଯିବ ।'


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ବାଘୁଆ ନିଶଟା ରୋକଠୋକ୍ ଭାବେ କହିଦେଲା । 'ନିଶଟା ଯେଉଁ ବ୍ରାଣ୍ଡର ହେଉ ନା କାହିଁକି, ରହିବ ହିଁ ରହିବ ।'

ନିଶଗୁଡାକ ସେମାନଙ୍କ କର୍ତବ୍ୟକୁ ସାରିଦେଇ ପୁଣି କାଚର ଆବରଣ ଭିତରକୁ ପଶିଗଲେ ।

ନିଶଟା ଭୟରେ ଜଡସଡ । ଥରୁଛି ଯେ ଥରୁଛି । ଯେ କୌଣସି ମୁହୂର୍ତରେ ସୁ ସୁ କରିଦେଇପାରେ । ବିଚରା । ଖୁବ ଦୟା ଆସୁଛି ତାର ଏହି ଅସହାୟତା ଉପରେ । ସତରେ ନିଶଟାର ଅବସ୍ଥା ଭାରି ଦୟନୀୟ । ନିରୀହ ନିଶଟା ଉପରେ ଗୋଟେ ଷଣ୍ଢୁଆସି ଆକ୍ରମଣ । ଗୋଟେ କଡରେ ଆପଣାର ମୃତ୍ୟୁପାଇଁ ନିଃସର୍ତ ଚେଷ୍ଟାଟେ । ଆରପଟେ ବଂଚି ରହିବା ପାଇଁ ବାହ୍ୟ ଜଗତରୁ ଘମାଘୋଟ ଚାପ । ଯେପରି ମୃତ୍ୟୁଟା ତା ପାଇଁ ନିଃସନ୍ଦେହ ଭାବେ ମନା ।

ବିଚରାଟା ଆପେ ଆପେ ଟାଣି ହୋଇ ଆସୁଛି ଗୋଟିଏ ଦୋଛକି ଉପରକୁ । ନିରୁପାୟ ହୋଇ ତ୍ରାହି ତ୍ରାହି ଡାକୁଛି । ଭାବୁଛି କିଏ ଜଣେ ତ୍ରାଣକର୍ତା ତାକୁ ଏ ବିପଦରୁ ରକ୍ଷା କରିଦିଅନ୍ତା । କେହି ଜଣେ ତା ପାଇଁ ମସିହାଟେ ହେଇ ତାକୁ ସାହାଯ୍ୟର ହାତଟା ବଢାନ୍ତା । ଅନ୍ତତଃ ତାକୁ ଏହି ବିପତିର ହିଂସ୍ର ବନ୍ଧନରୁ ମୁକୁଳାଇ ଦିଅନ୍ତା ।

ମୁଁ ଚମକି ପଡିଲି । ତଳ ଦିନର କଥାଟେ ମୋତେ ମନେ ପଡୁଛି । ଦିନେ ନାକ ତଳର ଶାନ୍ତ, ସୁନ୍ଦର ଇଲାକାରେ ନିଶ ସହିତ ମୋର ଏକ ରୁଦ୍ଧଦ୍ୱାର ବୈଠକ ବସିଥିଲା । ସେଠାରେ ଆମ ଦୁହିଁକ ଭିତରେ ଏକ ଐତିହାସିକ ରାଜିନାମା ସାକ୍ଷରିତ ହୋଇଥିଲା ।

ସେହି ଚୁକ୍ତି ପତ୍ରର ନିଷ୍କର୍ସ ଅନୁସାରେ ଆମେ ଉଭୟେ ଉଭୟଙ୍କର ହିତ ସାଧନ ସକାଶେ ବଂଚି ରହିବୁ । ନିଶଟା ମୋତେ ଗୋଟିଏ ସୁନ୍ଦର ଓ ଆକର୍ଷଣୀୟ ଚେହେରା ଦେବାରେ ସାହାଯ୍ୟ କରିବୁ । ଶାନ୍‌ର ସହିତ ମୋତେ ବଂଚେଇବା ପାଇଁ ଅହରହ ଚେଷ୍ଟା କରିବ ।

ପ୍ରତିଦାନରେ ମୁଁ ନିଶଟିର ଯଥେଷ୍ଟ ଯତ୍ନ ନେବି । ତାର କୁଶଳତା ପାଇଁ ସବୁଦିନ ଚିନ୍ତା କରିବି । ନିଶଟାର ମାଲିକାନା ମୋ ହାତରେ ରହିବ । ତା ରକ୍ଷଣାବେକ୍ଷଣ ତଥା ତତ୍ୱାବଧାନର ହରେକ୍ ଜିମ୍ମେଦାରୀ ମୋ ହେଫାଜତରେ ହିଁ ରହିବ । ତାକୁ ସବୁ ବିପଦରୁ ଉଦ୍ଧାର କରିବା ମୋର ପ୍ରଥମ, ପରମ କର୍ତବ୍ୟ ହେବ ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ନିଶ ଆଜି ବିପଦର ବ୍ୟାରିକେଡ ଭିତରେ । ଗୋଟେ ଦୁର୍ଦ୍ଦିନର ହାତମୁଠାରେ । ଠିକ ଏହି ସମୟରେ ମୁଁ ତା କଡରେ ଠିଆ ହେବା ଏକାନ୍ତ ଜରୁରୀ । ମୁଁ ସତେଜ ହେଲି । ସକ୍ରିୟ ହେଲି । ତାକୁ ସାହାଯ୍ୟ କରିବାର ତାଜା ସିଦ୍ଧାନ୍ତରେ ଭାବପ୍ରବଣ ହୋଇଗଲି । ଗୋଟେ ଅଜଣା ଭାବାବେଗ ଭିତରେ ଚିଲେଇଲି । 'ଜାଗୋ ନିଶ ଜାଗୋ ।'




ନିଶଟା ଛାନିଆ । ପଛକୁ ବୁଲି ସେ ମୋତେ ଚାହିଁଲା । ମୁଁ ତାକୁ ଆଶ୍ୱାସନା ଦେଲି । 'ଡରିବାର କୌଣସି କାରଣ ନାହିଁ । ମୁଁ ଅଛି ନା । ପୁଣି ତୁମେ ନିଜେ ହିଁ ତୁମ ମର୍ଜିର ମାଲିକ । ତୁମେ ତୁମ ଇଚ୍ଛା ଅନୁସାରେ ଯାହା ବି କରିପାର । ଯାହା କଲେ ବି ମୁଁ ତୁମ ପଛରେ ଅଛି । ବାଣ୍ ! ତୁମ ଇରାଦା କଣ ହୋଇପାରେ ? ପତ୍ନୀଙ୍କ ଆକ୍ଷେପକୁ ଡରିଯାଇ ଆତ୍ମହତ୍ୟା କରିବ ନା ନିଶ ଗୁଡାକର ପ୍ରଭାବଶାଳୀ ପ୍ରେରଣାରେ ବଂଚିବାକୁ ଚାହିଁବ ?'

ନିଶଟା ଥମ ଥମ ହେଲା । କିଛି କହିବ କହିବ ଭାବି ନିରବ ହୋଇଗଲା । ତଥାପି ଡରି ଡରି କହିଲା – ବଂଚି ରହିବା ପାଇଁ ତା ମନରେ ପ୍ରବଳ ଇଚ୍ଛା । ପୁଣି ଗର୍ବର ସହିତ । ତା ରୂପକୁ ନେଇ ସାରା ଦୁନିଆ ତାର ଚର୍ଚ୍ଚାକରୁ । ଖୁସିର ସହିତ କହୁ – 'ବାଃ ବାଃରେ ନିଶ ! ନିଶ ହେବ ତ ଏମିତି ।' ଦୁନିଆର ପ୍ରତ୍ୟେକ ବ୍ୟକ୍ତି ଏପରି ଏକ ନିଶ ରଖିବାକୁ ନିଶ୍ଚୟ ପସନ୍ଦ କରିବେ । କେବଳ ମ୍ୟାଡମ୍ ପସନ୍ଦ କଲେନି ବୋଲି ... ନିଶଟା ଅଧା ରାସ୍ତାରେ ହିଁ ଅଟକିଗଲା ।

ହେଲେ ମୁଁ ଭାରି ସମଝଦାର । ନିଶର ମତଲବକୁ ଚଟାପଟ୍ ବୁଝିଗଲି । ତା


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ମନରେ ସାହାସ ସଂଚାର କରିବା ପାଇଁ କହିଲି, ତମ ନିଜସ୍ୱ ମାମଲାରେ ମ୍ୟାଡାମ୍ ଗୋଡ ପୁରେଇ ପାରିବେନି । ତମେ ବଂଚିବ । ଆଦର ସହିତ ବଂଚିବ । ଆବଶ୍ୟକ ସ୍ଥଳେ ମ୍ୟାଡାମ୍‌ଙ୍କୁ ଗୁଳି ମାରିଦିଆଯିବ ।

ମୋ କଥାର ଧାରକୁ ନିଶଟା ବୋଧେ ଧରିପାରୁନି । ସେ ଆଶ୍ଚର୍ଯ୍ୟରେ ମୋତେ ପ୍ରଶ୍ନ ପଚାରୁଛି, କାହିଁକି ? କେମିତି ?

ମୁଁ ନିଶଟାକୁ ବୁଝେଇଲି । ଆରେ ମୁଁ ମ୍ୟାଡାମ୍‌ଙ୍କୁ ତଲାଖ ଦେଇଦେବି । କଣ ଭାବୁଛି ସେ ନିଜକୁ ? ତମ ସାମନାରେ ତା ଔକାତ୍ କେତେ ? ତମେ ମୋର ଜିଗିରି ଦୋସ୍ତ । ପିଲାଟି ଦିନରୁ ସାଙ୍ଗ । ଜିଗରର ଟୁକୁଡାଟେ । ମ୍ୟାଡାମ୍‌ଙ୍କ ସହ ମୋର ଭେଟଘାଟତ ଏବେ । ତମ ସହ ପରିଚୟ ହେବାର ପ୍ରାୟ ଦଶ ପନ୍ଦର ବର୍ଷ ପରେ । ତେଣୁ ଆନ୍ତରିକତା ଦୃଷ୍ଟିରୁ ମୋ ସକାଶେ ତମେ ପ୍ରଥମ, ମ୍ୟାଡାମ ତା ପରେ ।

ନିଶଟା ହସିଦେଲା । ବୋଧେ ମୋ କଥାଟାକୁ ସେ ବୁଝିଗଲା । ପରେପରେ ମୋ ସହିତ ସେ ଏକମତ ହୋଇଗଲା ।

ମୁଁ ଖୁସିରେ ଗଦଗଦ ହୋଇ କହିଲି, 'ଥ୍ୟାଙ୍କ୍ ୟୁ ମାଇଁ ନିଶ ।'

ପରେ ତାକୁ ଆଶୀର୍ବାଦ ଦେଇ କହିଲି, ତମେ ଗର୍ବର ସହିତ ବଂଚ । ତମେ ଏମିତି ମୋଟା, ଚଉଡା, ଚେହେରାର ହୁଅ ଯଦ୍ୱାରା ତମେ ତମ ତାକତରେ ଗୋଟେ ଗାଡିକୁ ବି ଟାଣି ପାରିବ ।

ଭଞ୍ଜନଗର, ଗଞ୍ଜାମ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆମ ଗାଁ ହାଲଚାଲ




ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆମ ଗାଁ ହାଲଚାଲ

ମିଶ୍ର ମାଷ୍ଟ୍ରେ ସାଇକେଲରେ ପେଡାଲ୍ ମାରି ଯାଉଥିବାବେଳେ ଶଗଡ ପୋଇ ପାଖରେ ଖସି ପଡିଗଲେ । ବିଲରେ ହଳ ଯୋଚୁଥିବା ବଳିଆ ବଳଦ ଦିଟାକୁ ଛାଡିଦେଇ ଧାଇଁ ଆସିଲା । ମାଷ୍ଟ୍ରଙ୍କୁ ଉଠେଇଲା ବେଳକୁ ଜାମାପେଂଟ୍ ମଇଳା ହେଇ ସାରିଥିଲା । ଜୋତା



ହଳକରୁ ଗୋଟିଏ କାଦୁଅରେ ଲାଖିଯାଇ ଛିଡି ଯାଇଥିଲା । ହାତ ମୁହଁକୁ ପୋଛାପୋଛି କରି ମାଷ୍ଟ୍ରେ ସାଇକେଲ ଗଡେଇ ଗଡେଇ ଗାଁ ଭିତରକୁ ମୁହାଁଇଲେ । ଦି ବ୍ୟାଗରେ ଭର୍ତିଥିବା ନଡିଆ ଫାଳ, ରାଶିଲଡ୍ଡୁ ଆଉ ପୂଜାରେ ମିଳିଥିବା ଧୋତି ଗାମୁଛା ସବୁ କାଦୁଅରେ ନସର ପସର ହେଇଯାଇଥିଲା । ମନ ଆମ୍ବିଳାକରି ମାଷ୍ଟ୍ରେ ଘର ଦୁଆରେ ପହଂଚିଲେ । ଗଣେଷ ପୂଜାରେ ପାଇଥିବା ସବୁ ସାମାନ ନଷ୍ଟ ହେଇଗଲା ।

ମାଷ୍ଟ୍ରାଣୀ ଦୁଆର ପାଖରେ ଏପାଖ ସେପାଖ ହେଉଥିଲେ, ଆଜ୍ଞା ଏବେ ଆସିବେ, କିସ କିସ ସବୁ ମିଳିଥିବ ପୂଜାରେ ଘରେ ଭର୍ତି କରିଦେବେ । ଧୋତି ଗାମୁଛା ଦି ହଳ ମିଳିଲେ ଭାଇ ଘରକୁ ପଠେଇବେ, ଆଉ ନଡିଆ, ଲଡ୍ଡୁ ସବୁ ବି, ହେଲେ ମାଷ୍ଟ୍ରଙ୍କ ଅବସ୍ଥାଦେଖି ମାଙ୍କ ଅବସ୍ଥା ବିଗିଡିଗଲା । ରାଗ ଗରଗର ହେଇ ସାଇକେଲରୁ ଜିନିଷ ଓହ୍ଲାଇ ନେଉ ନେଉ ମାଷ୍ଟ୍ରଙ୍କ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଚଉଦ ପୁରୁଷକୁ ଗାଳି କରିପକାଇଲେ । ମାଷ୍ଟ୍ରେ କଣ କହିବେ ସେ କଥା ଶୁଣିବା ପାଇଁ ଅନିଚ୍ଛା ଭଲ ଭାବରେ ମା'ଙ୍କ ମୁହଁରେ ଦେଖା ଯାଉଥିଲା । ମାଷ୍ଟ୍ରେ କିଛି ନ କହିବା ଭଲ ବୋଲି ଭାବି ଚୁପ୍ ରହିଲେ ।

ଘର ଭିତରେ ମା ସବୁ ଧୋତି ଗାମୁଛାକୁ ଅଲଗା କରି ଦେଖିଲେ, ଉପରେ ଥିବା ଗୋଟେ ଧୋତିକୁ ଛାଡିଦେଲେ ବାକି କିଛି ଖରାପ ହେଇନଥିଲା । ମାଷ୍ଟ୍ରେ କିଛି କହିବା ପୂର୍ବରୁ ସେ ଦିଟା ଫାଇନ୍ ଧୋତି ବାହାର କରି କହିଲେ, ଏ ଦୁଇଟା ମୋ ଦୁଇ ଭାଇ ପାଇଁ । ଭୋଗରାଗ ଯାହା ଥିଲା ସବୁ ସଫା କରିଦେଇ ଭାଗ କରିଦେଲେ । ମାଷ୍ଟ୍ରେ ଖୁସିଥିଲେ ଯେ କାଦୁଅରେ ପଡିବା ସତ୍ତ୍ୱେ ସେମିତି ଆଖି ଦୃଶିଆ ନଷ୍ଟ ହୋଇନଥିଲା ।

ଅବଶ୍ୟ ବର୍ଷା ହୋଇନଥିଲେ ସୁଦ୍ଧା ମାଷ୍ଟ୍ରେ ଗାଁ ରାସ୍ତାରେ ନ ଆସି ବିଲ ରାସ୍ତାରେ ଆସିଥିଲେ, ଶଗଡ ଯିବା ରାସ୍ତାରେ ମାଷ୍ଟ୍ରେ ସାଇକେଲ ସମ୍ଭାଳି ପାରିଲେ ନାହିଁ । ସାଇକେଲର ଦି ସାଇଡରେ ଦି ଦିଟା ଫୁଲ୍ ବ୍ୟାଗ୍, ବୁଢା ମାଷ୍ଟ୍ରେ କେତେ ଆଉ ପାରନ୍ତେ । ବାସ ! ପଡିଗଲେ ।

ଇସ୍କୁଲ୍‌ରେ ଯାହା ଭୋଗ ମିଳିଥିଲା, ସେଥିରେ ପେଟ୍ ଟୁଲ୍ ହେଇଯାଇଥିଲା । ଆଉ କାଦୁଅରେ ପଡିଯାଇ ହାଲିଆ ହେଇଥିଲେ ମାଷ୍ଟ୍ରେ । ସେ ଶୋଇପଡିଲେ । ମା' ତେଣେ ଜିନିଷ ପତ୍ର ସବୁ ଭାଗ ପକଉଥିଲେ, କୋଉ ଧୋତି ସାନ ଭାଇ ନେବ ଆଉ କୋଉଟା ବଡ ଭାଇ । କାହା ଘରକୁ କେତେ ଭୋଗ ଯିବ । ନଡିଆରୁ ତେଲ କାଢିବେ ନା ଲଡୁ ତିଆରି କରିବେ । ସଞ୍ଜବେଳକୁ ମାଷ୍ଟ୍ରେ ଶେଯରୁ ଉଠିଲା ବେଳକୁ ଅଂଟାଟା ଧରି ଶେଯରେ ପଡିଗଲେ । ପବନ ଅଟକି ଯାଇଥିବ ବୋଲି ଭାବି, ଅମୃତାଞ୍ଜନ ଟିକେ ଘଷିଦିଅ ବୋଲି ମାଷ୍ଟ୍ରେ କହିଥିବା ନିବେଦନଟା ଅଶୁଣା ରହିଗଲା । ଅଗତ୍ୟା ସେ ନିଜେ ଶେଯରୁ ଉଠି ଔଷଧ ଆଣିବା ପାଇଁ ଚେଷ୍ଟାକଲେ କିନ୍ତୁ ପାରିଲେ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ନାହିଁ । ରାଗ ଗରଗର ହୋଇ ସେ ଚିଲ୍ଲେଇ ଉଠିଲେ, ମା' ଦଉଡି ଆସି ଆଈଙ୍କ ଅବସ୍ଥା ଦେଖି ଚମକି ପଡିଲେ ।

ପରଦିନ ସକାଳୁ ମାଷ୍ଟ୍ରେ ଅଂଟାପାଣି ବି କରିପାରିଲେ ନାହିଁ । କଂପାଣ୍ଡର ଆଈଙ୍କୁ ଡକାଗଲା ପରେ ସେ ଆଂଟକରି ଅଂଟାରେ ଦିଟା ଇଞ୍ଜିସନ ଫୋଡିଦେଲେ । ଆଉ ଓଷବିଷ କରି ଦିକୋଡି ନେଲେ । ମାଷ୍ଟ୍ରେ ଯାହା ପୂଜାରେ ପାଇଥିଲେ ସବୁ କଂପାଣ୍ଡର ଆଈ ନେଇଗଲେ । ସେ ଯାହେଉ ଦିନ ଦିଟାରେ ମାଷ୍ଟ୍ରେ ସଳଖିଗଲେ ।

ଦି କୋଶ ଦୂରରେ ଇସ୍କୁଲକୁ ନିତି ଯାଉଥିବା ମାଷ୍ଟ୍ରେ ଦିନ ଦିଟା ଛୁଟିରେ ରହିବାର କାରଣ ଆଖପାଖ ଦଶକୋଶ ଅଂଚଳରେ ଲୋକପ୍ରଚାର ହେଇଗଲା । କିଏ କହିଲା, ପୂଜାରେ ବିଭ୍ରାଟ କରିଥିବାରୁ ମାଷ୍ଟ୍ରେ ଏ ଦଶା ଭୋଗିଲେ, ଆଉ କିଏ କହିଲା, ବେଶୀ ଲୋଭରୁ ଏହା ହେଲା ।

ପୂଜା ଯିବାର ଚାରିଦିନ ପରେ ମାଷ୍ଟ୍ରେ ସ୍କୁଲରେ ପହଂଚିଲେ । ପ୍ରାର୍ଥନା ବେଲ୍ ବଜାଇବା ପାଇଁ ମାଷ୍ଟ୍ରେ ପିଉନକୁ ନ କହି ନିଜେ ବଜାଇବା ପାଇଁ ଯାଉଥିବା ବେଳେ ତାହା ହାତରୁ ପଡି ମାଷ୍ଟ୍ରଙ୍କ ଗୋଡରେ ପଡିଗଲା । ମାଷ୍ଟ୍ରେ ବୁଦ୍ଧିବାଟ ହରେଇ ସେଇଠି ପଡିଗଲେ । ଚାରିଜଣ ମିଶି ଧରାଧରି କରି ମାଷ୍ଟ୍ରଙ୍କୁ ଗାଁରେ ଆଣି ଛାଡିଲେ । କେବେ ବି ଛୁଟି ନ ନେବା ଲୋକଟା ଦେଖୁ ଦେଖୁ ହପ୍ତାଖଣ୍ଡେ ଶେଯରେ ପଡି ରହିଲା ।

ମା' ଭାରୀ ଖୁସି । କହିଲେ, ଯା'ହେଉ ଏଇ ଅବସରରେ ମାଷ୍ଟ୍ରଙ୍କୁ କେଇଦିନର ଛୁଟି ମିଳିଲା । ହେଲେ ମାଷ୍ଟ୍ରେ ଯୋଉଦିନ ଦୁଆରେ ଉଠି ବସିଲେ, ହଳଧରି ଗାଁ ଦାଣ୍ଡରେ ଯାଉଥିବା ବଳିଆ କହିଲା - 'କଣ ମାଷ୍ଟ୍ରେ ଏସନ ପୂଜାଟାରେ କିସ କଲ ଯେ, ଦୁର୍ଭାଗ୍ୟ ଗୋଡାଉଛି ?'

ମାଷ୍ଟ୍ରଙ୍କ ମନକୁ କଥାଟା ବାଧିଲା । ହେଲେ ସଞ୍ଜ ହେଉ ହେଉ ପୁରା


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଗାଁରେ ଏଇ ଏକ କଥା - 'ମାଷ୍ଟ୍ରେ କିସ କରିଚନ୍ତି । ନଇଲେ ଦେଖୁ ଦେଖୁ ଦି ଦିଟା ଦୁର୍ଘଟଣା ଘଟିଥିତା କି ।'

ଶନିବାର ସଞ୍ଜବେଳକୁ ମାଷ୍ଟ୍ରେ ପୁଣିଥରେ ମୁହଁ ବୁଲେଇ ହେଇ ପଡିଗଲେ । କଂପାଉଣ୍ଡରକୁ ଡାକିବା ବୋଲି କହିବାସତ୍ୱେ ମାଷ୍ଟ୍ରେ ରାଜି ହେଲେନି । କାର୍ଜି ଆଈଆ କହିଲେ, ସହରକୁ ଯାଇ ଡାକ୍ତରକୁ ଦେଖେଇ ଆସ, ବୟସ ହେଲାଣି । ରୋଗବୈରାଗ ତ ହେବ ହିଁ । ମାଷ୍ଟ୍ରଙ୍କ ମନକୁ କଥାଟା ପାଇଲା । ତେଣେ ସହରରେ ବଡ ଶାଳକ ବି ରହନ୍ତି, ତାଙ୍କରି ଦୟାରୁ ଡାକ୍ତରଙ୍କ ସହ ଦେଖାସାକ୍ଷାତ ଟା ସହଜରେ ହୋଇଯିବ ବୋଲି ଭାବିଲେ । ରବିବାର ସକାଳୁ ସକାଳୁ ଚପଳା ବସରେ ସବାର ହେଇ ଆଈଆ ଆଉ ମା' ରାଜଧାନୀ ବାହାରି ପଡିଲେ ।

ଦିପହର ବେଳକୁ ରାଜଧାନୀରେ ପହଂଚିବାପରେ ସିଧା ଶାଳକ ଘରକୁ ଗଲେ । ସଞ୍ଜବେଳକୁ ଡାକ୍ତରସହ ସାକ୍ଷାତକାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଡାକ୍ତର ସବୁ ପରୀକ୍ଷାନିରିକ୍ଷା କରିବାପରେ କହିଲେ, ସେମିତି କିଛି ହେଇନି, ସାମାନ୍ୟ ଦୁର୍ବଳତା ହେଇଛି । କିନ୍ତୁ ଏତିକି କହିବାପାଇଁ ଡାକ୍ତର ବାବୁ ପାରିଶ୍ରମିକ ଭାବେ ସାଢେ ତିନିଶ' ଟଙ୍କା ନେଇ ସାରିଥିଲେ । ସୋମବାର ସକାଳୁ ସକାଳୁ ଔଷଧ ଧରି ଆଈଆ ଗାଁକୁ ଫେରିଲେ । ଦିନ ଦିଟା ବିଶ୍ରାମପରେ ପୁଣି ସ୍କୁଲ ଯିବାକୁ ବାହାରିଲେ । ଆଈଆ ଯିବା ବାଟରେ ମା' ବାରମ୍ବାର କହୁଥିଲେ, ସେ ଶଗଡପୋଇ ରାସ୍ତାରେ ଯିବ ନି, ଇସ୍କୁଲରେ ଘଂଟା ପିଟିବନି ଇତ୍ୟାଦି ଇତ୍ୟାଦି ।

ସେଦିନ ସ୍କୁଲରେ ଆଉ କିଛି ଅଘଟଣ ଘଟିନଥିଲା । ଏଥର ସବୁ ଠିକ ହୋଇଗଲା ବୋଲି ଚିନ୍ତା କରି ମାଷ୍ଟ୍ରେ ଘରକୁ ଫେରୁଥିବା ବେଳେ ଗାଁ ବସଷ୍ଟାଣ୍ଡରେ ପାନ ଦୋକାନରେ ଠିଆ ହୋଇଥିଲା ବେଳେ କୋଉଠିଥିଲା


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

କିଏ ଗୋଟେ ପିଲା କାହାକୁ ଢେଲା ମାରୁଥିଲା, ତାହା ଆସି ମାଷ୍ଟ୍ରଙ୍କ ମୁଣ୍ଡରେ ବାଜିଲା, ଦେଖୁ ଦେଖୁ ପୁରା ପୋଷାକ ରକ୍ତରେ ଜୁଡୁବୁଡୁ ହେଇଗଲା । ପୁଣିଥରେ ଚାରିଦିନ ଛୁଟି ।

ଆଜ୍ଞା ବିଚଳିତ ହେଇଗଲେଣି । ଏଣେ ଘରେ ମା' ଚବିଶିଘଂଟା ଗରଗର ହେଉଥିବାରୁ ଆଜ୍ଞା ବିରକ୍ତିକର ପରିସ୍ଥିତିରେ ପଡି ଯାଇଥିଲେ । ଘରୁ ବାହାରିଲେ ଲୋକଙ୍କ ଆକ୍ଷେପ ସହି ହେଉନଥିଲା । ଗାଁ ପୁରୋହିତେ କହିଲେ, ଛୋଟିଆ କର୍ମକାଣ୍ଡଟେ ଘରେ କରିଦେଲେ ସବୁ ରିଷ୍ଟ ଖଣ୍ଡନ ହେବ । ମାଷ୍ଟ୍ରେ କିଛି କହିବାକଥା ଚିନ୍ତା କରିବା ପୂର୍ବରୁ ମା' ସମ୍ମତି ଦେଇଦେଲେ । ରଘୁଆ ଗୋସେଇଁ ପୂଜାପାଇଁ ସବୁ ଜିନିଷ ଆଣି ପୁରା ପ୍ରସ୍ତୁତ ହେଉଥିବା ବେଳେ ଅଘଟଣ ଟିଏ ଘଟିଗଲା । ପୂଜା ପୂର୍ବଦିନ ରାତିରେ ଗୋସେଇଁଙ୍କର ଗୋସେଇଁ ମା'ଟା ହଠାତ୍ ଆଖି ବୁଜିଦେଲା । ଗୋସେଇଁଏ ଦୁଃଖରେ କହିଲେ, 'ମାଷ୍ଟ୍ରେ, ତୁମେ କି ଦୋଷ କରିଚ କେଜାଣି, ତୁମ ରିଷ୍ଟ ଖଣ୍ଡନ କରିବା ପାଇଁ ଯାଉ ଯାଉ ମୋ ଗୋସେଇଁ ମା'ଟା ଚାଲିଗଲା ।'

ମାଷ୍ଟ୍ରଙ୍କ ରିଷ୍ଟଖଣ୍ଡନ କରିବା ପାଇଁ ଆଉ କୋଉ ଗୋସେଇଁ କରନ୍ତେ ଭଲା । ଅଗତ୍ୟା ମାଷ୍ଟ୍ରେ ଅଶୁଭ ହୋଇଗଲେ । ମାଷ୍ଟ୍ରଙ୍କ ଘର ସାମନାଦେଇ ଯାଉଥିବା ପିଲାମାନଙ୍କୁ ସିଧା ଚାଲିବା ପାଇଁ ତାଗିଦ କରି ଦିଆଗଲା, ମାଷ୍ଟ୍ରଙ୍କ ଘର ସମସ୍ତଙ୍କ ପାଇଁ ଅଶୁଭ ହୋଇଗଲା । ଗଣେଷ ପୂଜା ଯାଇ ଦଶହରା ପୂଜା ଛୁଟି ହେବା ସମୟ ଆସିଲା, ମାତ୍ର ମାଷ୍ଟ୍ରେ ଅଛୁଆଁ ହେଇ ରହିଗଲେ ।

ପୂଜା ଛୁଟିରେ ଆଜ୍ଞା କିଛିଦିନ ପାଇଁ ବୁଲିବାପାଇଁ ଚାଲିଗଲେ । ବଡ ଶାଳକ, ସାନ ଶାଳକ ଘରେ କେଇ ଦିନ ରହି ଗାଁକୁ ଫେରିଲେ । ପୂଜା ଛୁଟିରେ ଗାଁ ଦାଣ୍ଡରେ ତାସ ଖେଳ ପଡିଥିଲା, ମାଷ୍ଟ୍ରେ ସେଇ ରାସ୍ତାରେ ଯିବାବେଳେ ସନିଆ କହୁଥିଲା, ନିଶ୍ଚୟ କିଛି ଅସୁବିଧା ହେବ । ସତକୁ ସତ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

କୁଆଡେ ଥିଲା କଳାହାଣ୍ଡିଆ ମେଘ ଘୋଟି ଆସିଲା । ମାଷ୍ଟ୍ରେ ଗାଁକୁ ଫେରିବାଦିନ ହିଁ ବର୍ଷାର ମାତ୍ରା ବଢିଯାଇଥିଲା । ଲୋକେ କୁହା କୁହି ହେଉଥିଲେ ଏୟା ସବୁ ମାଷ୍ଟ୍ରଙ୍କ ଯୋଗୁଁ ହେଉଛି । ପୂଜାରେ ଖେଳର ମାନ୍ଦାବସ୍ଥା ଦେଖି ସମସ୍ତେ ଦୁଃଖୀ ହେଇଗଲେ ।

ପରଦିନ ସକାଳୁ ସକାଳୁ ମାଷ୍ଟ୍ରେ ପୋଖରି ଆଡୁ ଆସିଲାବେଳକୁ ଘର ଭିତରେ ନାଗ ସାପଟେ ଦେଖି ଡରକି ଉଠିଲେ । ଗାଁରେ ସବୁ ଜାଣିଗଲେ ଯେ ମାଷ୍ଟ୍ରେ ମହାବିପତିରେ ପଡିଛନ୍ତି । ସାପଧରାଳି କେଳା ଆସି ବହୁତ ଚେଷ୍ଟା କରି ସାପକୁ ଧରିଲା । କଳାନାଗ ଦେଖି କହିଲା, ମହାଦେବ ମନ୍ଦିରରେ ଯାଇ କ୍ଷିର ଚଢେଇଲେ ହିଁ ରିଷ୍ଟ ଟଳିବ । ଯେ ଯାହା କହୁଥିଲା ମା' ସବୁ କରିବାପାଇଁ ହଁ ଭରୁଥିଲେ । ଆଉ କାଳବିଳମ୍ବ ନ କରି ସେମାନେ ମହାଦେବ ପାଖରେ ଶରଣ ଗଲେ । ଦି ସେର କ୍ଷିର, ଦି ଟା ପଇଡ, ନେଇ ଶିବଲିଙ୍ଗରେ ଢାଳିଦେଲେ । ଗୋସେଇଁଙ୍କ ନିର୍ଦ୍ଦେଶରେ ଦି ପ୍ରାଣୀ ଦୁଇ ଦିନ ହବିଷ୍ୟ ପାଳିଲେ । ଅବଶ୍ୟ ଏହା ଭିତରେ ଗାଁରେ ବର୍ଷା ବନ୍ଦ ହେଇ ଯାଇଥିଲା । ଲୋକେ କହୁଥିଲେ, ଆଜ୍ଞା ଗଣେଷଙ୍କୁ ରୋଷ କରିଥିଲେ, ଶେଷରେ ମହାଦେବଙ୍କ ଶରଣ ଯିବାରୁ ସବୁ ସୁଧୁରିଗଲା ।

ମା' କହୁଥିଲେ କାର୍ତିକ ପାଳିବା, ମାଷ୍ଟ୍ରେ ବହୁତ ଖୁସିରେ ହଁ ଭରୁଥିଲେ । ରିଷ୍ଟ ଖଣ୍ଡନ ନାଁରେ ଯାହା ସବୁ ଖର୍ଚ୍ଚ ହେଇଚି ମାସଟେ ନିରାମିଷ ଭକ୍ଷଣ କରି ତାହା ପୁରା କରିବା ବୋଲି ମନେ ମନେ ଚିନ୍ତା କରୁଥିଲେ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

MBBS, PGDMCH, PGDHM

ସଂପାଦକ "ଆହ୍ୱାନ"

# ଅଦ୍ୱିତୀୟା





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ସଂପାଦକୀୟ

ସମୟାନୁବର୍ତ୍ତିତା ଗତାନୁଗତିକ ଜୀବନରେ ଜୀବିକା ଓ ଜୀବନଚର୍ଚ୍ଚାରେ ମଣିଷ ଘଂଟାର କଂଟାପରି ଚିରାଚରିତ ଢଙ୍ଗରେ ଗୋଟିଏ ଦିଗରେ ଗତି କରିଚାଲେ ।

ଏଇ ଜୀବନରେ ସଂଘର୍ଷ, ଦିନ ପ୍ରତିଦିନର ତେଲଲୁଣର ଦୁନିଆର ଏକପଦୀକରଣ ବୋଲି କହିଲେ ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ ।



ସାମାଜିକ ଓ ରାଜନୈତିକ ଅସୁବିଧାର ପ୍ରହାର, ପ୍ରାକୃତିକ ଓ ମାନବକୃତ ଅପ୍ରାକୃତିକ ପରିସ୍ଥିତିର ବିକାର ମାନବର ପ୍ରାଣକୁ ଭୟଭୀତ କରାଉଥିଲେ ସୁଦ୍ଧା ଏପରି ଭାବେ ସଂରଚନା କରାଯାଇଛି ଏଇ ଜୀବନଧାରାକୁ ଯେ ତାହାର ଗତି ଓ ପ୍ରଗତିକୁ ଅବରୋଧ କରିବାଭଳି କୌଣସିଟି ପରିସ୍ଥିତି ପରିଲକ୍ଷିତ ହେଉନାହିଁ ।

ହୁଏତ ! ଏହା ସେହି ଶ୍ରେଷ୍ଠ ଶକ୍ତିର ଏକ ଅଦମ୍ୟ ଅନୁଦାନ ଏଇ ମାନବ ଜାତିପାଇଁ, ଯେଉଁ କାରଣରୁ ସମସ୍ତ ପ୍ରକାର ପରିସ୍ଥିତିରୁ ନିଜକୁ ଉଦ୍ଧାର କରି ବ୍ୟକ୍ତି ବିଶେଷ ଆଗକୁ ବଢିଥାଏ ।

ଯେତେବଡ ଘଟଣା କିମ୍ବା ଦୁର୍ଘଟଣା ହେଉନା କାହିଁକି ଜୀବନ ମୁଢ ହୁଏ ନାହିଁ । ଏହି ଚିନ୍ତାଧାରାକୁ ଯୁକ୍ତିଯୁକ୍ତ କରିବା ପାଇଁ ସହାୟତା କରିଥାଏ ଏହି ମାନବ ସମାଜ ଦ୍ୱାରା ସୃଷ୍ଟି



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ହୋଇଥିବା ରୀତି, ନୀତି ଓ ପର୍ବପର୍ବାଣୀ ପାଳନ କରିବା ନିୟମ । ଯାହା କିଛି ସମୟ ପାଇଁ ପ୍ରତ୍ୟେକ ସମାଜ ଓ ବ୍ୟକ୍ତି ବିଶେଷର ଦୈନିକ ସଂଘର୍ଷର ଏକ ମଧ୍ୟାନ୍ତର ରୂପେ ପରିଗଣିତ ହୋଇପାରେ । ବା ଆମେ କହିପାରୁ ମାନସିକ ଓ ଶାରିରୀକ ପରିଶ୍ରମର ବିରତି ବା ଉପଚାର ପାଇଁ ଏହି ସାମାଜିକ ଉତ୍ସବର ଉତ୍ସାହ ଏକ ପ୍ରକାରର ନିଶ୍ଚତକ ଭଳି କାମ କରିଥାଏ ।

ଓଡିଆ ନାରୀର ଜୀବନକୁ ସାମାନ୍ୟ ଅଧିକ ରୁଚିପୂର୍ଣ୍ଣ କରିବା ପାଇଁ ଆହ୍ୱାନ ପତ୍ରିକାରେ କେବଳ ନାରୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ବିଶେଷ ବିଭାଗ ଅଦ୍ୱିତୀୟା ସମସ୍ତ ନାରୀ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଆଶା କରୁଛି ଏହା ସମସ୍ତଙ୍କର ଆଦୃତ ହେବ ।

ତମସୋ ମା ଜ୍ୟୋତିର୍ଗମୟ...

## ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

**M.A., M.Phil., Ph. D (Cont.)**
ସଂପାଦିକା, "ଅଦ୍ୱିତୀୟା"


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆଇଙ୍କ ଢଗ ପେଢି

ବିଗତ ସଂସ୍କରଣର ଢଗର ଉତର - ଶ୍ରୀମତି ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର



ଟିକିରି ବଣକୁ ଯାଇଥିଲି,
ଟିକି ଟିକି କ□ା କୁଦିଥିଲି
ଫୁଙ୍କୁରୁ ଫୁଙ୍କୁରୁ ଡେଉଁଥିଲି ।।
--ଲିଆ
ଗଛ ମହାମେରୁ ପତର ସରୁ,
ତା ପୁଅ ନାଁ ବାଙ୍କିଆ ଦାରୁ ।।
--କୟାଁ
ଯାର ବାପା ମୋ ଶଶୁର,
ମୋର ବାପା ତା ଶଶୁର ।।
--ସ୍ୱାମୀ ସ୍ତ୍ରୀ
ଆଣ୍ଠୁଏ ପାଣିରେ ଟୁବୁକି ନାଚେ,
ରଣଧାନବୋଲି ଗଉଣିଏ ପାଚେ ।।
-- କାକରା



ଏହି ସଂସ୍କରଣର ପ୍ରଶ୍ନ -

ରଗୁଣି ଘର ଠଗୁଣି ଗାଇ,
ଯେତେ ଦୁଁହୁଥିଲେ ପନହୁଥାଇ ।



ଉପରେ ଭାଡି ମଝିରେ ବସିଛି
କାଳିଆ ପୁଡି ।

ରୂପବାଗି ଦିଶୁଥିବ, ଛୁଇଁଦେଲେ ଗଲା

ଏ ଘର ବୁଢି ସେ ଘରକୁ ଗଲା,
ଚଣା ଭାଜୁ ଭାଜୁ ଚୋବାଉଥିଲା ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଆଜିକାଲିର ଚିନ୍ତାଭରା ଦୁନିଆରେ ଚିନ୍ତାମୁକ୍ତ ରହିପାରିବା ବହୁତ କଠିନ ବ୍ୟାପାର ହୋଇପାରେ । ମାନସିକ ଚିନ୍ତା ଶାରିରୀକ ରୋଗର ଅନ୍ୟତମ କାରଣ ବୋଲି ବିଜ୍ଞାନ କୁହେ । ତେଣୁ ମାନସିକ ଚିନ୍ତାରୁ ମୁକ୍ତ ରହିବା ଦ୍ୱାରା ଆମେ ଅନେକ ରୋଗ ଯଥା ବ୍ଲଡ୍ ପ୍ରେସର୍ (ଉଚ୍ଚ ରକ୍ତଚାପ), ଡାଇବେଟିସ୍ (ମଧୁମେହ) ରୁ ନିଜକୁ ରକ୍ଷା କରିପାରିବା । ମାନସିକ ଅବସାଦରୁ ଦୂରରେ ରହିବା ନିମନ୍ତେ ବ୍ୟବହାର କରାଯାଉଥିବା ଅନେକ ଔଷଧ ଅଭ୍ୟାସ ସୃଷ୍ଟିକାରୀ ହୋଇଥିବାରୁ ଏହି ସବୁ ଔଷଧ ସେବନ କରିବାରୁ ନିବୃତ କରିବା ପାଇଁ ଆମର ଏହି ଉପସ୍ଥାପନା ...



## ଏମିତି ରହିବେ ଚିନ୍ତାମୁକ୍ତ

କୌଣସି କଥାକୁ ନେଇ ମନ ମଧ୍ୟରେ ଦ୍ୱନ୍ଦଥିଲେ ନିଜ ଘନିଷ୍ଠ ବନ୍ଧୁଙ୍କୁ କୁହନ୍ତୁ ।

ସର୍ବଦା ସକାରାତ୍ମକ ପଦକ୍ଷେପ ନିଅନ୍ତୁ

ଯୋଗାସନ ଓ ଧ୍ୟାନ କରିବା ପାଇଁ ସମୟ ବାହାର କରନ୍ତୁ ।

ଗାଧୋଇବା ସମୟରେ ମନପସନ୍ଦର ଅତର ବ୍ୟବହାର କରନ୍ତୁ, ଭଲ ଲାଗିବ ।

ବେଳେ ବେଳେ ମସାଜ୍ ବା ଖେଳକୁଦର ମଜା ନିଅନ୍ତୁ, ଏହାଦ୍ୱାରା ମାନସିକ ଚିନ୍ତା ଦୂର ହୋଇଥାଏ ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଇଣ୍ଡକ୍ସନ କୁକର

## (ରୋଷେଇ କରିବାର ଏକ ଅନନ୍ୟ ପଦ୍ଧତି)

### *ଇଣ୍ଡକ୍ସନ କୁକର କଣ ?*



ଇଣ୍ଡକ୍ସନ କୁକର ଏକ ନୂଆ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ଚୁଲା ଯେଉଁଥିରେ ବିନା ନିଆଁରେ ରୋଷେଇ ହୋଇପାରେ । ଏଥିରେ ବ୍ୟବହୃତ ହୋଇଥାଏ ବିଦ୍ୟୁତ ଚୁମ୍ବକୀୟ ଶକ୍ତି ।

ଇଣ୍ଡକ୍ସନ କୁକରର ଉପର ଭାଗ ସେରାମିକ ଗ୍ଲାସରେ ତିଆରି ହୋଇଥାଏ, ଏବଂ ଏହା ତଳେ ଏକ



କଣ୍ଡକ୍ଟର କଏଲ ବିଦ୍ୟୁତ ବ୍ୟବହାର କରି ଏକ ଅତ୍ୟଧିକ ଶକ୍ତିଶାଳୀ ବିଦ୍ୟୁତ୍ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରେ, ଯାହା ଫଳରେ ଚୁଲା ଉପରେ ରଖାଯାଇଥିବା ଧାତବ ପାତ୍ର ଶୀଘ୍ର ଗରମ ହୋଇଯାଏ । କିନ୍ତୁ ଆମେ ଛୁଇଁଲେ ଏଥିରେ ବିଦ୍ୟୁତ୍ ସକ୍ ଲାଗେନାହିଁ ।

### *ଗ୍ୟାସ ତୁଳନାରେ ଇଣ୍ଡକ୍ସନ କୁକର ଭଲ କି ?*



ଇଣ୍ଡକ୍ସନ କୁକର ଗ୍ୟାସ ଚୁଲାପରି ଶକ୍ତିଶାଳୀ ହୋଇଥିଲେ ବି ଏଥିରେ ସ୍ୱଳ୍ପ - ଖର୍ଚ୍ଚରେ ରୋଷେଇ ହୋଇପାରେ । ଏବଂ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର



ରୋଷେଇଘର ସବୁବେଳେ ସଫା ଆଉ ନିର୍ମଳ ରହିବାରେ ସହାୟକ ହୋଇଥାଏ । ଆହୁରି ମଧ୍ୟ ଆଜିକାଲି ଯେଉଁପରି ଗ୍ୟାସ ଅଭାବ ଦେଖାଦେଲାଣି, ତାହା ତୁଳନାରେ ଇଣ୍ଡକ୍ସନ କୁକର ବହୁତ ଭଲ, ଆପଣଙ୍କୁ ଧାଡିରେ ଠିଆ ହେବାକୁ ପଡିବନି ।

*ଇଣ୍ଡକ୍ସନ କୁକର ସୁରକ୍ଷିତ କି ?*

ହଁ । ଏହା ଅତ୍ୟନ୍ତ ସୁରକ୍ଷିତ । ଏଥିରେ ନିଆଁ ଲାଗିବାର ଭୟ ନଥାଏ । ଏବଂ ଗ୍ୟାସ ଚୁଲାରେ ଗ୍ୟାସ ନିର୍ଗତ ହୋଇ ନିଆଁ ଲାଗିବାର ଭୟ ଥିବା ବେଳେ ଏଥିରେ ସେ ପ୍ରକାରର କୌଣସି ବିପଦ ନଥାଏ । ଆହୁରି ମଧ୍ୟ ଏହାର ସେରାମିକ୍ ଗ୍ଲାସ୍ ଟପ୍ ସବୁବେଳେ ଥଣ୍ଡା ରହିବା ଯୋଗୁଁ ହାତରେ ନିଆଁ ଚେଙ୍କ ଲାଗିବା ଭୟ ନଥାଏ



*କିନ୍ତୁ ଏଥିରେ ରୋଷେଇ କରିବା ପାଇଁ ଅଧିକ ସମୟ ଲାଗେ ନି ?*

ନା । ଆପଣ ବୋଧହୁଏ ହିଟର ଭଳି ଏହି ଚୁଲା ଭାବୁଛନ୍ତି । ହିଟରରେ ଏକ କଏଲ ଥାଏ ତାହା ଗରମ ଓ ଥଣ୍ଡା ହେବା ପାଇଁ ସମୟ ନିଏ, କିନ୍ତୁ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶନୀ ମହାପାତ୍ର

ଏଥିରେ ସେ ସବୁ ନାହିଁ । ଏଥିରେ ରୋଷେଇ ଚଟାପଟ୍ ସରିଯାଏ । ଏହା ଗରମ ଓ ଥଣ୍ଡା ହେବାପାଇଁ କୌଣସି ସମୟ ନିଏ ନାହିଁ ।




***କିନ୍ତୁ ଏଥିରେ ଅଧିକ ବିଦ୍ୟୁତ ଖର୍ଚ୍ଚ ହେଉଥିବ !***

ବିଲକୁଲ ନାହିଁ । ଏଥିରେ ବହୁତ କମ୍ ବିଦ୍ୟୁତ ଖର୍ଚ୍ଚ ହୁଏ । ଏବଂ ଆପଣ ବ୍ୟବହାର କରୁନଥିବା ସମୟରେ ଏହା ଆପେ ଆପେ ବନ୍ଦ ହୋଇ ଆପଣଙ୍କ ବିଦ୍ୟୁତଶକ୍ତି ଅପଚୟକୁ ରୋକିଥାଏ ।

***ଏଥିରେ ରୋଷେଇ ନିମନ୍ତେ କିଛି ସ୍ୱତନ୍ତ୍ର ପାତ୍ର କିଣିବାକୁ ପଡିବ ?***

ନା । ଆପଣ ଘରେ ବ୍ୟବହାର କରୁଥିବା ଯେ କୌଣସି ପାତ୍ରରେ ରୋଷେଇ କରିପାରିବେ । ଲୁହା, ଏନାମେଲ ଦିଆଯାଇଥିବା ଲୁହା, ଷ୍ଟେନଲେସ ଷ୍ଟିଲ, ନନ୍ ଷ୍ଟିକ୍ ପାତ୍ର ଆଦି ଆପଣ ବ୍ୟବହାର କରିପାରିବେ



***ଏଥିରେ ରୋଷେଇ କରିବା କମ ପରିଶ୍ରମ କେମିତି ?***

ଗ୍ୟାସ କିମ୍ୱା ଅନ୍ୟ କୌଣସି


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର



ମାଧ୍ୟମରେ ରୋଷେଇ କରୁଥିଲେ ରୋଷେଇ ଘରେ ଧୁଆଁ ହେବା ସ୍ୱାଭାବିକ, ଏବଂ ବାତାବରଣ ଗରମ ବି ହୁଏ, କିନ୍ତୁ ଏଥିରେ ଏପରି କିଛି ବି ହୁଏ ନାହିଁ । ରୋଷେଇ ଘରେ ଗ୍ୟାସ ସିଲିଣ୍ଡର ରଖିବା କୌଣସି ଜୀବନ୍ତ ବୋମା ଠାରୁ କମ ନୁହେଁ । ଏବଂ ବେଳେ ବେଳେ ଗ୍ୟାସ ଚୁଲାରେ ରୋଷେଇ ପରେ ପାତ୍ରମାନଙ୍କରେ କଳାଦାଗ ଲାଗିଯାଏ, ଯାହା ଇଣ୍ଡକ୍ସନ କୁକରରେ ଜମା ହୁଏ ନାହିଁ ।

## *ଏଥିରେ ଶକ୍ତି ଅପଚୟ ହୁଏନାହିଁ କେମିତି ?*

ରୋଷେଇ ସମୟରେ ଏହା ସିଧା ପାତ୍ର ଓ ଖାଦ୍ୟକୁ ଗରମ କରେ ତେଣୁ ଗରମ ଏଣେତେଣେ ହୁଏନାହିଁ ଏବଂ ଶକ୍ତି ସଂଚୟ ହୁଏ ।

## *ଆମ ଘରେ ହେଉଥିବା ଭାରତୀୟ ରୋଷେଇ ପାଇଁ ଏହା କାମଦିଏ କି ?*

ନିଶ୍ଚୟ । ଆଜିକାଲି ପ୍ରାୟ ସମସ୍ତ ଘରେ ଇଣ୍ଡକ୍ସନ କୁକର ରଖିବା ଆରମ୍ଭ ହେଲାଣି । ଏବଂ ଏହାକୁ ବ୍ୟବହାର କରୁଥିବା ମହିଳାମାନେ ଏହାର ପ୍ରଶଂସାରେ ଶତମୁଖୀ । ଏଥିରେ ସମସ୍ତ ପ୍ରକାରର ଭାରତୀୟ ବ୍ୟଞ୍ଜନ ତିଆରି ହୋଇପାରିବ ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶନୀ ମହାପାତ୍ର

କିଛି କିଛି ଇଣ୍ଡକ୍ସନ କୁକରରେ ଭାରତୀୟ ରୋଷେଇ ପାଇଁ ଆଗରୁ ବ୍ୟବସ୍ଥା ରହିଥାଏ, କ୍ଷିର ଗରମ କରିବା, ବିରିୟାନୀ / ପଲଉ ତିଆରି କରିବା, ଆଳୁ ସିଝାଇବା ଆଦି ଅନେକ ବ୍ୟବସ୍ଥା ଏଥିରେ ଥାଏ ।

*ବଜାରରେ ବିଭିନ୍ନ ବ୍ରାଣ୍ଡର ଇଣ୍ଡକ୍ସନ କୁକର ମିଳୁଛି, ମୁଁ କଣ କିଣିବି ?*

ଆପଣଙ୍କ ମନପସନ୍ଦର ଯେ କୌଣସି କୁକର ଆପଣ କିଣିପାରିବେ । ଏଥିରେ ଆମେ ଆପଣଙ୍କ ସହାୟତା କରିବା ଉଚିତ୍ ହେବନାହିଁ, କାରଣ ଏହା ଦ୍ୱାରା ଆମେ କୌଣସି ଗୋଟିଏ ବ୍ରାଣ୍ଡର ସପକ୍ଷରେ କହିବା ଉଚିତ ହେବ ନାହିଁ ।

ହଁ ! ଅବଶ୍ୟ ଆମେ ଏତିକି କହିଦେଇପାରୁ, କିଣିବା ସମୟରେ କୁକର ପଞ୍ଜୀକୃତ ବ୍ରାଣ୍ଡର କିଣିବା ଭଲ, ଯେଉଁଥିରେ ଆଇ ଏସ ଆଇ ମାର୍କ ଥିବ, ଏବଂ ଅଧିକ ଦିନର ଗ୍ୟାରେଂଟି ଥିବ । ଆଉ ମଧ୍ୟ ଯେଉଁ ବ୍ରାଣ୍ଡ ଆପଣଙ୍କ ସହରରେ ମେକାନିକ୍ ଉପଲବଧ୍ ଥିବେ ତାହା ବାଛିବେ ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# କରନ୍ତୁ ନିଜର ସୁରକ୍ଷା

**ଯଦି ଆପଣ ନିଜ ସୁରକ୍ଷାକୁ ନେଇ ଚିନ୍ତିତ, କିମ୍ବା କୌଣସି ବ୍ୟକ୍ତିର ବ୍ୟବହାରରେ ବିପଦର ସଂକେତ ପାଇଛନ୍ତି, ତେବେ ଘର ଭିତରେ ଲୁଚି ରହିବା, କିମ୍ବା ଡରି ଡରି ରହିବା ଛାଡି ନିଜକୁ ରକ୍ଷା କରିବାର କଳା ଶିଖନ୍ତୁ । ଜରୁରୀ ହେଲେ ନିଜେ ହିଁ ନିଜର ରକ୍ଷା କରିପାରିବେ ।**

## ଫିଜିକାଲ ଫିଟନେସ୍

ଅଚାନକ ହୋଇଥିବା ଆକ୍ରମଣ କିମ୍ବା ଦୁର୍ବ୍ୟବହାରରୁ ବଂଚିବାର ସହଜ ଉପାୟ ହେଉଛି, ଶାରିରୀକ ଫିଟନେସ୍ । ନିଜ ଶରୀରକୁ ମଜବୁତ ଓ ଦୃଢ କରିବା ନିମନ୍ତେ ନିୟମିତ ବ୍ୟାୟାମ କରନ୍ତୁ ଏବଂ ବିଶେଷଜ୍ଞଙ୍କ ତଦାରଖରେ ତାଲିମ ।

## ବୈଷୟିକ ତାଲିମ

ନିଜର ସୁରକ୍ଷା ନିମନ୍ତେ ଆପଣ ଜୁଡୋ କରାଟେ ଆଦି ଶିକ୍ଷା କରିପାରନ୍ତି । ଏଥିପାଇଁ ଜରୁରୀ ନୁହେଁ ଯେ ଆପଣ ସବୁକିଛି ଶିକ୍ଷା କରିବେ, କିନ୍ତୁ ନିଜ ସୁରକ୍ଷା ନିମିତ ଆବଶ୍ୟକ କୌଶଳ ଶିଖନ୍ତୁ ।

## ଆତ୍ମବିଶ୍ୱାସ ଜରୂରୀ

କେବଳ ତାଲିମ ପ୍ରାପ୍ତ ହୋଇ ଗଲେ ଆମେ ସୁରକ୍ଷିତ ହୋଇ ଯିବା, ଏହା ଭାବିବା ଭୁଲ । କାରଣ ତାଲିମ ଦ୍ୱାରା କୌଶଳ ଶିଖା ଯାଇପାରେ, କିନ୍ତୁ ସେ ସବୁ କୌଶଳକୁ ଉପଯୋଗ କରିବା ପାଇଁ ଆତ୍ମବିଶ୍ୱାସୀ ହେବା ନିହାତି ଜରୁରୀ ।

## ଧ୍ୟାନ କରନ୍ତୁ

କ୍ରୋଧିତ ହେବା ସମୟରେ ଠିକ ନିଷ୍ପତି ନେଇହୁଏ ନାହିଁ, ତେଣୁ ଧ୍ୟାନ ଓ ଯୋଗାସନ କରିବା ଦ୍ୱାରା ଆପଣ କ୍ରୋଧକୁ ଦୂରେଇ ଦେଇ ପାରିବେ ।

## ଆକ୍ରମଣ କେମିତି ?

ଶତ୍ରୁକୁ ଚକିତ କରିଦେବା ପାଇଁ ତାର କାନ, ନାକ, ଗଳା, କାନ୍ଧ, ଅଂଟାତଳ ଭାଗ ଓ ଗଣ୍ଠି ଉପରକୁ ଆକ୍ରମଣ କରନ୍ତୁ ।



- ସଡକ ଉପରେ ଚାଲୁଥିବା ସମୟରେ ଆତ୍ମବିଶ୍ୱାସର ସହ ଚାଲନ୍ତୁ,
- କାନ୍ଧକୁ ସିଧାରଖନ୍ତୁ, ଏଥିରେ ଆତ୍ମବିଶ୍ୱାସ ଦେଖାଯାଏ
- ସବୁବେଳେ ସତର୍କ ରହନ୍ତୁ, ରାତିରେ ଶୂନସାନ ରାସ୍ତାରେ ଯାଆନ୍ତୁ ନାହିଁ
- ବିଳମ୍ବ ରାତ୍ରୀ ପର୍ଯ୍ୟନ୍ତ ବାହାରେ ରହନ୍ତୁ ନାହିଁ, ଅଟୋରେ ଯାତ୍ରା କଲାବେଳେ ଚାଳକ ଓ ଗାଡି ନମ୍ବର ମନେ ରଖନ୍ତୁ
- ଯଦି କୌଣସି ବ୍ୟକ୍ତି ଆପଣଙ୍କ ସହ ଦୁର୍ବ୍ୟବହାର କରେ ତେବେ ଚିହାର କରି ଲୋକଙ୍କୁ ଏକାଠି କରାନ୍ତୁ
- ଏକା ଥିବା ସମୟରେ ଚିହାର କରିବା ପରିବର୍ତେ ଆକ୍ରମଣ କରନ୍ତୁ
- ନିଜ ମୋବାଇଲରେ ସର୍ବଦା ପୋଲିସର ନମ୍ବର ରଖନ୍ତୁ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶନୀ ମହାପାତ୍ର

# ଆମ ରୋଷେଇ




ଆସନ୍ତା କାଲି ଠାରୁ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେଉଛି । ଉତ୍କଳୀୟ ପରଂପରାରେ କାର୍ତ୍ତିକ ମାସର ମହାତ୍ମ୍ୟ ରହିଛି, ଏବଂ ସାଧାରଣତଃ ଏହି ମାସଟି ପୂଣ୍ୟମାସ ବୋଲି ଅନେକ ପରିବାରରେ ଆମିଷ ଭକ୍ଷଣ କରନ୍ତି ନାହିଁ । ସେହି ପରିବାର ମାନଙ୍କ ନିମନ୍ତେ ଆମେ ଉପସ୍ଥାପନ କରୁଛୁ ସଂପୂର୍ଣ ନିରାମିଷାଶୀ ବ୍ୟଞ୍ଜନ ।

## ଭେଜିଟେବୁଲ ବିରିୟାନୀ

ଆବଶ୍ୟକ ସାମଗ୍ରୀ -

ବିରିୟାନୀ ଚାଉଳ (୨୦୦ ଗ୍ରାମ), ପିଆଜ (୨୦୦ ଗ୍ରାମ), ଅଦା (ସାନ ଖଣ୍ଡ), କାଜୁ (୮-୧୦ଟି), ଗୋଲାପ ଜଳ (୧ ଚାମଚ), କେଶର ଜଳ (୧ ଚାମଚ), କ୍ଷୀର(୨ ବଡ ଚାମଚ), ଆଳୁ (୧ଟି), ଫୁଲ କୋବି(୩-୪ ଖଣ୍ଡ), ଗ୍ରୀନ୍ ମଟର ମଂଜି (୧୦୦ ଗ୍ରାମ), ଘିଅ (୧୦୦ ଗ୍ରାମ), ଲୁଣ (ସ୍ୱାଦାନୁସାରେ), ଦାଲଚିନି (ଛୋଟ ଖଣ୍ଡଟିଏ)



ପାକ ବିଧି -

ଚାଉଳକୁ ଭଲ ଭାବରେ ଧୋଇ ଦିଅନ୍ତୁ, ଏବଂ ଗୋଟିଏ ପାତ୍ରରେ ପାଣିରେ ଭିଜେଇ ରଖି ଦିଅନ୍ତୁ । ୩୦ ମିନିଟ ପର୍ଯ୍ୟନ୍ତ ରଖନ୍ତୁ ।

ଅନ୍ୟ ଏକ ପାତ୍ରରେ ଘିଅ ନେଇ ସେଥିରେ ପିଆଜକୁ ଭାଜନ୍ତୁ । କିଛି ସମୟ ପରେ ସେଥିରେ କାଜୁ, ଗୋଲମରିଚ ଓ ଅଦାକୁ ପକାଇ ଭାଜନ୍ତୁ । ସାମାନ୍ୟ ରଙ୍ଗ ବଦଳିବା ପରେ ସେଥିରେ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପରିବା ପକାଇ ଭାଜନ୍ତୁ । ସେଥିରେ ବିରିୟାନୀ ମସଲା ମିଶାଇ ୫ ମିନିଟ ଭାଜନ୍ତୁ । ଏବଂ ସେଥିରେ କିଛି ପାଣି ପକାଇ ପାତ୍ରକୁ କମ ଆଂଚରେ ଘୋଡୁଣି ପକାଇ କିଛି ସମୟ ପାଇଁ ରଖିଦିଅନ୍ତୁ । ମନେ ରଖନ୍ତୁ, ପରିବା ଯେମିତି ପୁରା ସିଝିନଯାଏ । ଶେଷରେ ମଟର ମଂଜି ସେଥିରେ ପକାଇ ଓହ୍ଲାଇ ଦିଅନ୍ତୁ ।

ଅନ୍ୟ ଏକ ହାଣ୍ଡିରେ ଭାତକୁ ବସାନ୍ତୁ, ଏବଂ ପୁରା ସିଝିବା ପୂର୍ବରୁ ବାହାର କରି ନିଅନ୍ତୁ । ଗୋଟିଏ ପାତ୍ରରେ ଗୋଲାପ ଜଳ, କେଶର ଜଳ ଓ କ୍ଷୀର କୁ ଗୋଳେଇ ରଖନ୍ତୁ । ବର୍ତ୍ତମାନ ଏକ ପାତ୍ରରେ ତଳେ ଘିଅ ଲଗାଇ ତା ଉପରେ ଆଗରୁ ଭାଜି ରଖିଥିବା ପରିବାର କିଛି ଅଂଶ ପକାନ୍ତୁ । ତା ଉପରେ ଭାତ କିଛି ପକାନ୍ତୁ, ପୁଣି ପରିବା ଭଜା ଓ ପରେ ଭାତ ଏମିତି ସ୍ତର ସ୍ତର କରି ରଖନ୍ତୁ । ସବୁଠୁ ଉପରେ ଭଜା ପିଆଜ ଓ ପରିବା ପକାଇବା ପରେ କେଶର ଜଳ, ଗୋଲାପ ଜଳ ଓ କ୍ଷୀର ମିଶ୍ରଣ ପକାନ୍ତୁ ।

ପାତ୍ରର ଢଙ୍କୁଣୀକୁ ଭଲଭାବରେ ବନ୍ଦକରି ଦିଅନ୍ତୁ । ଆବଶ୍ୟକ ହେଲେ ପାତ୍ରର ମୁହଁ ଓ ଢଙ୍କୁଣୀକୁ ଅଟାଦେଇ ଭଲଭାବରେ ବନ୍ଦ କରିଦେଇ ଚୂଲୀରେ ବସାଇ ଦିଅନ୍ତୁ । ଏହା ଅନ୍ୟୁନ ୩୦ ମିନିଟ ଚୂଲୀ ଉପରେ ରଖିବାପରେ ଓହ୍ଲାଇ ଦିଅନ୍ତୁ ।

ବର୍ତ୍ତମାନ ଏହାକୁ ଗରମ ଗରମ ପ୍ଲେଟରେ ପରଶନ୍ତୁ ।

ଏହା ସହିତ ଦହି, କାକୁଡି, ପିଆଜର ସାଲାଡ ବି ଦିଆଯାଇପାରେ ।

ଗୋଟିଏ ପ୍ଲେଟ୍ ବିରିୟାନୀରୁ ଆପଣଙ୍କୁ ୫୦୦ କ୍ୟାଲୋରୀ ମିଳିବ ।

# ପାଳଙ୍ଗ ପନୀର

ଆବଶ୍ୟକ ସାମଗ୍ରୀ-



ପାଳଙ୍ଗ ଶାଗ ( ୨ ବିଡା), ପନୀର (୨୦୦ ଗ୍ରାମ), ପିଆଜ (୨ଟା), ରସୁଣ (୫-୬ କୋଳ), ଅଦା ବଟା (୨୫ ଗ୍ରାମ), ତେଲ (୬-୮ ବଡ ଚାମଚ), କ୍ଷୀର, ଦହି, କ୍ରିମ୍, ଲୁଣ, ମସଲା ଗୁଣ୍ଡ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ, ଦାଲଚିନି, ଲାଲ ଲଙ୍କା



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଗୁଣ୍ଡ, ଲବଙ୍ଗ

ପାକ ବିଧି -

ପାଳଙ୍ଗ ଶାଗକୁ କାଟି ଗରମ ପାଣିରେ ପକାଇ ସିଝାନ୍ତୁ । ଏବଂ ସିଝିଗଲାପରେ ଏହାକୁ ବାଟି ଦିଅନ୍ତୁ । ଏହି ସମୟରେ ପିଆଜ, ଅଦା, ରସୁଣ ଓ ଲବଙ୍ଗକୁ କାଟି ରଖନ୍ତୁ । ଏହି ସମସ୍ତ ସାମଗ୍ରୀକୁ ସାମାନ୍ୟ ପାଣିଦେଇ ବାଟି ଦିଅନ୍ତୁ । ଏହାପରେ ଏକ ପାତ୍ରରେ ଅଳ୍ପ ତେଲ ଗରମ କରି ସେଥିରେ ପିଆଜ, ଅଦା, ରସୁଣ ବଟାକୁ ବାଦାମୀ ରଙ୍ଗ ହେବାପର୍ଯ୍ୟନ୍ତ ଭାଜନ୍ତୁ । ସେଥିରେ ଗରମ ମସଲା, ଧନିଆ ଗୁଣ୍ଡ, ଲାଲ ଲଙ୍କା ଗୁଣ୍ଡ, ଲୁଣ ଓ ଚିନି (ସାମାନ୍ୟ) ଦିଅନ୍ତୁ ।

ମିଶ୍ରଣଟିର ରଙ୍ଗ ବଦଳିବା ପରେ ସେଥିରେ ପାଳଙ୍ଗବଟା ମିଶାଇ ଭାଜନ୍ତୁ । ଏବଂ ସେଥିରେ ୨ ବଡ ଚାମଚ କ୍ଷୀର ମିଶାନ୍ତୁ । ସେଥିରେ ୨ ବଡ ଚାମଚ ଦହି ଓ କ୍ରିମ୍ ମିଶାଇ ରୋଷେଇ କରନ୍ତୁ ।

ବର୍ତ୍ତମାନ ପନୀରକୁ ଛୋଟ ଛୋଟ କରି କାଟିଦିଅନ୍ତୁ । କିଛି ସମୟ ପାଇଁ ପାଣିରେ ବୁଡାଇ ରଖନ୍ତୁ । ପରେ ଅନ୍ୟ ଏକ ପାତ୍ରରେ ସାମାନ୍ୟ ତେଲ ଦେଇ ଭାଜିଦିଅନ୍ତୁ । ପନୀରର ରଙ୍ଗ ସାମାନ୍ୟ ବାଦାମୀ ହେବା ବେଳକୁ ତାକୁ ଆଣି ପାଳଙ୍ଗ ରୋଷେଇ ହେଉଥିବା ପାତ୍ରରେ ପକାଇ ମିଶାନ୍ତୁ । କିଛି ସମୟ ଉଚ୍ଚ ଆଂଚରେ ରଖିବାପରେ ରୋଷେଇ ବନ୍ଦ କରନ୍ତୁ । ଆପଣଙ୍କ ପାଳଙ୍ଗ ପନୀର ତିଆରି ହୋଇଗଲା ।

# ଅନୁରୋଧ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ବିଶେଷ ସୂଚନା

ଯଦି ଆପଣ ଆମର ଏହି ପତ୍ରିକାରେ ନିଜସ୍ୱ ଲେଖା ପ୍ରକାଶିତ କରିବାକୁ ଚାହାନ୍ତି, ତେବେ ନିଜସ୍ୱ କୃତୀକୁ ଆପଣ ଆମ ଠିକଣାରେ ପଠାଇ ପାରିବେ । ହାତଲେଖା କୃତୀ ସବୁ ଧଳାକାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖା ହୋଇଥିବା ଆବଶ୍ୟକ । ଆପଣଙ୍କ ଲେଖା ଆମ ଠିକଣାରେ ପଠାନ୍ତୁ - ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ - ୯୮୬୧୯୬୨୧୬୦, ୯୦୪୦୯୮୫୪୬୩, ୦୬୮୦-୨୪୦୪୧୭୦ । ପ୍ରତ୍ୟେକ ମାସର ତୃତୀୟ ସପ୍ତାହ ସୁଦ୍ଧା ପହଂଚିଥିବା ସମସ୍ତ ଲେଖା ଆସନ୍ତା ମାସର ଆହ୍ୱାନରେ ପ୍ରକାଶିତ ହେବ । ଲେଖା ପଠାଇବା ପୂର୍ବରୁ ଏକାର ଏକକିତା ନକଲ (ଜେରକ୍ସ କପି) ନିଜ ପାଖରେ ରଖନ୍ତୁ । ଅଣପ୍ରକାଶିତ ଲେଖା ଫେରାଇବାର ବ୍ୟବସ୍ଥା ଆମ ପାଖରେ ନାହିଁ ।

ଯଦି ଆପଣ ଚାହୁଁଥାନ୍ତି ତେବେ ନିଜ ଲେଖା କୃତୀକୁ ସ୍କାନ୍ କରାଇ ଇ-ମେଲ୍ ଦ୍ୱାରା ଆପଣ ଆମ ନିକଟକୁ ପଠାଇ ପାରିବେ । ସ୍କାନ୍ କରିବାପରେ ଫୋଟର ଆକାର ସାନ କରିବା ପାଇଁ ସ୍କାନ୍ ହୋଇଥିବା ଫୋଟକୁ ଫେଂଟବ୍ରସ୍ ରେ ଖୋଲି ସେଭ୍ ଏଜ୍ କରନ୍ତୁ । ସ୍କାନ୍ ହୋଇଥିବା ଫୋଟକୁ ଆଟାଚମେଂଟ କରି ଆମନିକଟକୁ (aahwaan@gmail.com) ପଠାନ୍ତୁ

ଆପଣଙ୍କ ଲିଖିତ କୃତୀ ଯୋଗ୍ୟ ବିବେଚିତ ହେଲେ ପ୍ରକାଶିତ ହେବ ।

## ସଂପର୍କ ସୂତ୍ର

**ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ,**

ଏମ୍ ବି ବି ଏସ୍, ଡି ଏମ୍ ସି ଏଚ୍, ପି ଜି ଡି ଏଚ୍ ଏମ୍

ପ୍ରତିଷ୍ଠାତା, ସଂପାଦକ, ଆହ୍ୱାନ୍

ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ମୋବାଇଲ୍: ୦୯୮୬୧୯୬୨୧୬୦



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ବିଜ୍ଞାପନ ସୂଚନା



# ବିଜ୍ଞାପନ ମୂଲ୍ୟସୂଚୀ

ଏହି ପତ୍ରିକାରେ ବିଜ୍ଞାପନ ଦେବାପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ

୧. ପୁରା ପୃଷ୍ଠା - ୧୦୦୦୦ ଟଙ୍କା
୨. ଅଧା ପୃଷ୍ଠା - ୫୦୦୦ ଟଙ୍କା
୩. ଚଉଥ ପୃଷ୍ଠା - ୨୫୦୦ ଟଙ୍କା
୪. ଉପର ବ୍ୟାନର୍ - ୨୦୦୦ ଟଙ୍କା
୫. ତଳ ବ୍ୟାନର୍ - ୧୫୦୦ ଟଙ୍କା

ବିଜ୍ଞାପନଦାତା ମାନେ ନିଜସ୍ୱ ବିଜ୍ଞାପନ ନିଜେ କରି ଦେଇ ପାରିବେ କିମ୍ୱା ଆମର ଡିଜାଇନ୍ ବିଭାଗ ସହ ଯୋଗାଯୋଗ କରିପାରିବେ । ବିଜ୍ଞାପନ ପାଇଁ ଦେୟ ବିଜ୍ଞାପନ ପ୍ରକାଶହେବା ପୂର୍ବରୁ ଦେବାକୁ ହେବ ।

ବିଜ୍ଞାପନ ଦେବାପାଇଁ ଯୋଗାଯୋଗ କରନ୍ତୁ ।

advt@aahwaan.com

Also you can post advertisement on our website www.aahwaan.com. We also undertake advertising campaigns for your business by placing your advertisements on different websites as per your requirements.

For advertisement related queries and requests please send us a mail at advt@aahwaan.com and or aahwaan@gmail.com

For round the clock support you may make a call to 90409 85463 / 97783 44614. Our executives will guide you to make your advertisements.

Sponsor Link : -
http://www.7sim.in
UnChallenged Marketing Plan to Earn You a Passive income